ଧରିତ୍ରୀ
DHARITRI
January 16-22, 2022 ₹ 2/-

ଛୁଟିଦିନ

# ଶାଢ଼ି @ ପୁରୁଷ

ଫ୍ୟାଶନରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ। ପ୍ରତ୍ୟେକଙ୍କ ରୁଚି ଏଥିରେ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର କରେ। ଏହି କ୍ରମରେ କେତେକ ପୁରୁଷ ନିଜ ପରିଧାନରେ ଶାଢ଼ିକୁ ଆପଣେଇ ତିଆରି କରିଛନ୍ତି ତାଙ୍କର ନିଜସ୍ୱ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ...

୩
ପ୍ରଚ୍ଛଦ ପ୍ରସଙ୍ଗ





# ଦର୍ପଣକୁ କିପରି ରଖିଲେ ମିଳିଥାଏ ଶୁଭଫଳ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଗୃହରେ ଶାନ୍ତି ବଜାୟ ରଖିବା ପାଇଁ ଦର୍ପଣର ଅନେକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଘରର କେଉଁ ସ୍ଥାନରେ ଦର୍ପଣ ରଖିଲେ କି ପ୍ରକାରର ଶୁଭଫଳ ମିଳିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

*ଯେହେତୁ ଉତ୍ତର ଦିଗର ସ୍ୱାମୀ ହେଲେ ଭଗବାନ କୁବେର ଏବଂ ପୂର୍ବ ଦିଗର ସ୍ୱାମୀ ଭଗବାନ ସୂର୍ଯ୍ୟ ଅଟନ୍ତି । ତେଣୁ ଏହି ଦୁଇ ଦିଗରେ ଦର୍ପଣ ଲଗାଇବା ଶୁଭ ହୋଇଥାଏ ।

*କିନ୍ତୁ ଭୁଲ୍‌ରେ ବି ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ଦର୍ପଣ ଲଗାଇବା କିମ୍ବା ରଖିବା ଠିକ୍ ନୁହେଁ । କାରଣ ଦକ୍ଷିଣ ଦିଗର ସ୍ୱାମୀ ହେଲେ ପ୍ରଭୁ ଯମରାଜ ଏବଂ ପଶ୍ଚିମ ଦିଗର ଦେବତା ହେଲେ ଶନିଦେବ । ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ, ଯଦି ଏହି ଦୁଇ ଦିଗରେ ଦର୍ପଣ ଲଗାଯାଏ ; ତା'ହେଲେ ଗୃହରେ ସର୍ବଦା ଅଶାନ୍ତି ଲାଗି ରହିଥାଏ ।



*ଦର୍ପଣକୁ ସର୍ବଦା ସଫାସୁତୁରା ରଖିବା ଦରକାର । ତା'ସହିତ ଧ୍ୟାନ ଦେବେ ଦର୍ପଣରେ ଯେମିତି କୌଣସି ବିପଦପୂର୍ଣ୍ଣ ବସ୍ତୁ ବା ଅଶୁଭ ବସ୍ତୁର ପ୍ରତିଫଳନ ହେଉ ନ ଥିବ । ଯେମିତି କି: ଛୁରି, କିଛି ବି ମାରଣାସ୍ତ୍ର, ଗ୍ୟାସ, ଡଷ୍ଟବିନ୍‌ର ଅଳିଆ ଆବର୍ଜନା, ଖରାପ ହୋଇଯାଇଥିବା କୌଣସି ବସ୍ତୁ ଇତ୍ୟାଦି । କାରଣ ଏହାଦ୍ୱାରା ଗୃହରେ ନକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ ।

*ଦୁଇଟି ଦର୍ପଣକୁ କେବେ ବି ସାମ୍ନାସାମ୍ନି ରଖିବା ଠିକ୍ ନୁହେଁ । କାରଣ ଏହାଦ୍ୱାରା ପରିବାରରେ ସନ୍ଦେହର ବାତାବରଣ ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୧୬-୨୨

### ମେଷ



ବନ୍ଧୁମାନେ ଫାଇଦା ନେବେ, ଆର୍ଥିକ ସ୍ଥିତି ବଦଳିଯିବ, ପାରିବାରିକ କ୍ଷେତ୍ରରେ ଅଶାନ୍ତି, ମିତ୍ରତା ସୃଷ୍ଟି କରିବେ, ଯାନବାହନରେ ତ୍ରୁଟି, ନିର୍ମାଣ ଅଟକିଯିବ, ଯାତ୍ରାରୁ ସୁଫଳ ମିଳିବ, ଦୁଃସାହସିକ କାମରେ ପ୍ରବେଶ, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ।

### ବୃଷ




ସମ୍ପର୍କୀୟ ପାଖ ମାଡିବେ ନାହିଁ, ଦୁଶ୍ଚିନ୍ତା ବୃଦ୍ଧି ପାଇବ, ତରବରିଆ ପଦକ୍ଷେପରୁ ଅନର୍ଥ, ଶାରୀରିକ ପୀଡା, ମାଙ୍ଗଳିକ କାର୍ଯ୍ୟ ପାଇଁ ପ୍ରସ୍ତୁତି, ଭ୍ରାତୃବର୍ଗ ଦ୍ୱାରା ସମସ୍ୟା, ବିପଦରୁ ରକ୍ଷା ମିଳିବ, ବନ୍ଧୁ ସାହାଯ୍ୟ କରିବେ, ବସ୍ତ୍ରଭୂଷଣ ପ୍ରାପ୍ତି, ଅର୍ଥ ପାଇବେ ।

### ମିଥୁନ



ସରଳତାରୁ ସମସ୍ୟା, ବନ୍ଧୁଙ୍କ ପ୍ରତାରଣା, ସୌଖୀନଦ୍ରବ୍ୟ କିଣିବେ, ଯାତ୍ରା ସ୍ଥଗିତ ରହିବ, ଅନୁତାପ କରିବାକୁ ପଡିପାରେ, କାମଟି ବିଳମ୍ବରେ ହେବ, ମନଟା ଭଲ ଲାଗିବ ନାହିଁ । କଫଜନିତ ପୀଡା, ଭୁଲ କାମରୁ ବିଶୃଙ୍ଖଳା, ସହକର୍ମୀଙ୍କ ସହ ତିକ୍ତତା ।

### କର୍କଟ



ସମସ୍ୟା କମିଯିବ, ଧନହାନି ଘଟିପାରେ, ମନ ଅସ୍ଥିର ରହିବ, ଭାବପ୍ରବଣତା ବଢିବ, ଅଭିଯୋଗ ଆସିପାରେ । ବନ୍ଧୁ ଭୁଲ୍ ବୁଝିବେ, ନିଜ ପରିସରରେ ପ୍ରତିଷ୍ଠିତ ହେବେ, ନୂତନ କାର୍ଯ୍ୟାରମ୍ଭ କରିବେ ।

### ସିଂହ



ଯାତ୍ରାରେ ସମସ୍ୟା ଆସିବ, ଅପଯଶ ପାଇବେ, ଅଜଣା ବ୍ୟକ୍ତିଙ୍କ ବିବାଦ, ବାଣିଜ୍ୟ ମାନ୍ଦା ହେବ, ଅସ୍ଥିରତା ଅବ୍ୟାହତ ରହିବ, ବନ୍ଧୁଙ୍କ ସହଯୋଗ ମିଳିବ, ନିର୍ମାଣ କାର୍ଯ୍ୟରେ ବିଘ୍ନ, ବିଳାସପ୍ରାଚୁର୍ଯ୍ୟ ପାଇବେ, ଗାଡି ସମ୍ପର୍କିତ ଦୁଶ୍ଚିନ୍ତା, ଶୁଭଖବରରୁ ଆନନ୍ଦ ।

### କନ୍ୟା



ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ବିବାଦରେ ବିଜୟ, ବନ୍ଧୁମାନଙ୍କ ସମାଲୋଚନା, ଅଶାନ୍ତି ଲାଗି ରହିବ । ଭ୍ରାତୃ ସମ୍ପର୍କ ବୃଦ୍ଧି, ଯାତ୍ରାରେ ସଫଳତା, ଅଭୀଷ୍ଟ ସିଦ୍ଧି ଘଟିବ, ପାରିବାରିକ ଶାନ୍ତି ।

### ତୁଳା



କର୍ମକ୍ଷେତ୍ରରେ ସମ୍ମାନ ଲାଭ, ସାମାଜିକ ପଦମର୍ଯ୍ୟାଦା ବୃଦ୍ଧି, ପଡୋଶୀଙ୍କ ଅପପ୍ରଚାର, ଯାନବାହନରେ ସମସ୍ୟା, ବନ୍ଧୁ ସମ୍ପର୍କରେ ନ୍ୟୂନତା, ଅବହେଳାରୁ କର୍ମହାନି, ବିବାଦୀୟ ଘଟଣାରେ ବିଜୟ, ଆବଦ୍ଧ ଯୋଗରୁ ମୁକ୍ତି, ସ୍ୱାସ୍ଥ୍ୟରେ ସମସ୍ୟା ।

### ବିଛା



ନୈରାଶ୍ୟଜନିତ ଦୁଃଖ, ଅର୍ଥ ଓ ସମ୍ମାନ ପାଇବେ, ବନ୍ଧୁବର୍ଗଙ୍କ ସହାନୁଭୂତି, ପରିସ୍ଥିତିକୁ ସଜାଡି ନେବେ । ମୂଲ୍ୟବାନ ଦ୍ରବ୍ୟ ଲାଭ । ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା, ଶିକ୍ଷାରେ ସଫଳତା । ଭ୍ରମଣ ସୁଯୋଗ ଜୁଟିବ, ସମାଲୋଚିତ ହୋଇପାରନ୍ତି ।

### ଧନୁ



ଯାତ୍ରାରେ ହଇରାଣ, ଅର୍ଥାଭାବରୁ କାର୍ଯ୍ୟହାନି, କାମ ଅସମ୍ପୂର୍ଣ୍ଣ ରହିପାରେ, ବନ୍ଧୁ ମିଳନରୁ ଆନନ୍ଦ, କନ୍ୟା ହେତୁକ ସମସ୍ୟା, ପଡୋଶୀଙ୍କ ସହାନୁଭୂତି । ପାରିବାରିକ ସଦ୍‌ଭାବରେ ଉତ୍କର୍ଷତା, ବ୍ୟବସାୟରେ ଶିଥିଳତା ।

### ମକର



ଶାରୀରିକ ସୁସ୍ଥତା, ଆର୍ଥିକ ଦୁରବସ୍ଥା, ସହକର୍ମୀଙ୍କ ଶତ୍ରୁତା, ଆତ୍ମୀୟଙ୍କ ଉଦାସୀନତା, ପରିଜନଙ୍କ ସ୍ୱାସ୍ଥ୍ୟହାନି, ଅପ୍ରିୟ ସତ୍ୟରୁ କଳହ, ବିବାଦରେ ପ୍ରତିଦ୍ୱନ୍ଦ୍ୱିତା, ପ୍ରଶାସନିକ ତତ୍ପରତା, ରାଜନୈତିକ ସଂଘର୍ଷ, ଅଶୌଚ ଖବରରୁ ଦୁଃଖ ।

### କୁମ୍ଭ



ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନି, ମାନସିକ ଅଶାନ୍ତି, ବିଚଳିତବୋଧ କରିବେ, ଖୋଜୁଥିବା ଜିନିଷଟି ପାଇବେ, ମନରେ ବିରକ୍ତି ଆସିବ । କର୍ମକ୍ଷେତ୍ରରେ ବ୍ୟତିକ୍ରମ, ସମସ୍ୟା ସମାଧାନ । ବ୍ୟବସାୟରେ ଉନ୍ନତି,ବନ୍ଧୁ ମିଳନରୁ ଆନନ୍ଦ ।


### ମୀନ



ପାରିବାରିକ ଶାନ୍ତି, ଅର୍ଥସମ୍ପଦ ଲାଭ, ସାମାଜିକ ପ୍ରତିଷ୍ଠା, ସଭାସମିତିକୁ ନିମନ୍ତ୍ରଣ, କଳାସାହିତ୍ୟରେ ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଅପରିଚିତଙ୍କ ସହ କଳହ, ଦୂରଯାତ୍ରାର ମସୁଧା । ନୂତନ ପ୍ରକଳ୍ପାରମ୍ଭ, ନିଷ୍ପତ୍ତିର ପରିବର୍ତ୍ତନ, ଲେଖାପଢାରୁ ଶୁଭଫଳ ।।

# ଶରୀର ପାଇଁ କେତେ ଜରୁରୀ ସୂର୍ଯ୍ୟକିରଣ

**ଶୀ**ତଦିନେ ସୁସ୍ଥ ରହିବା ପାଇଁ ପୁଷ୍ଟିକର ଖାଦ୍ୟ ଖାଇବା ସହ କିଛି ସମୟ ସୂର୍ଯ୍ୟକିରଣରେ ବସିବା ବି ଜରୁରୀ । କାରଣ ଏହିଦିନେ ଆମେ ଶୀତରୁ ରକ୍ଷା ପାଇବାକୁ ଗରମ ପୋଷାକ ପିନ୍ଧିବା ସହ ନିଜକୁ ଯେତେ ସମ୍ଭବ ଘୋଡ଼େଇଘାଡ଼େଇ ରଖିଥାଉ ; ସେଥିପାଇଁ ଆମ ଶରୀର ଉପରେ ପର୍ଯ୍ୟାପ୍ତ ମାତ୍ରାରେ ସୂର୍ଯ୍ୟକିରଣ ପଡ଼ିପାରେ ନାହିଁ ; ଯଦ୍ୱାରା ଅନେକଙ୍କଠାରେ ଗୋଡ଼ହାତ ବିନ୍ଧାବିନ୍ଧି, ଥଣ୍ଡାଜନିତ ରୋଗ ଆଦି ହେବାର ସମସ୍ୟା ଦେଖାଯାଇଥାଏ । ସେଥିପାଇଁ କିଛି ସମୟ କଅଁଳ ଖରାରେ ବସିବା ଜରୁରୀ ।



ଏହାଦ୍ୱାରା ଶରୀରକୁ ଭିଟାମିନ୍ ଡି ପ୍ରଚୁର ମାତ୍ରାରେ ମିଳିଥାଏ, ଯାହାକି ମାଂସପେଶୀ ଏବଂ ଅସ୍ଥିଗୁଡ଼ିକୁ ମଜଭୁତ୍ ରଖିବାରେ ବେଶ୍ ସହାୟକ ହୋଇଥାଏ । ସେହିପରି ଯେଉଁମାନଙ୍କୁ ରାତିରେ ଭଲ ନିଦ ହୁଏ ନାହିଁ କିମ୍ବା ଯେଉଁମାନଙ୍କର ଥଣ୍ଡା ଦେହ, ସେମାନେ ପ୍ରତିଦିନ କିଛି କିଛି ସମୟ କଅଁଳ ଖରାରେ ବସିଲେ ଏହି ସମସ୍ୟାରୁ ଅନେକାଂଶରେ ମୁକ୍ତି ପାଇଥାନ୍ତି । ଅନ୍ୟପକ୍ଷେ ଭାରାକ୍ରାନ୍ତ ମନକୁ ହାଲ୍‌କା କରିବାରେ ବି ସୂର୍ଯ୍ୟକିରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ।

# ପାଠକୀୟ

*ଏମାନେ ଉଚ୍ଚଶିକ୍ଷିତ । ହେଲେ ଚାକିରି ପଛରେ ଦୌଡ଼ି ନାହାନ୍ତି । ସହରର ଗଳି କନ୍ଦିରେ ନିଜର ଛୋଟିଆ ବ୍ୟବସାୟ କରି ପାଲଟିଛନ୍ତି ସ୍ୱାବଲମ୍ବୀ । କୌଣସି କାମ କେବେ ଛୋଟ କି ବଡ଼ ହୋଇପାରେନା ଓ କର୍ମ ହିଁ ଭଗବାନ ଏହି କଥାକୁ ବିଶ୍ୱାସ କରି ଆଗେଇ ଚାଲିଛନ୍ତି । ତେଣୁ ଏଭଳି ଏକ ପ୍ରେରଣାଦାୟୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'କର୍ମ ହିଁ ଭଗବାନ' ଏକ ନିଆରା ଆଲେଖ୍ୟ ଥିଲା । 'କେଉଁ ଜିନିଷ ଧାର ଦେବେ ନାହିଁ', 'ଖ୍ରିସ୍‌ମିସ୍‌ର ଉପକାରିତା' ଆଦି ପାଠଗୁଡ଼ିକରୁ ଅନେକ କଥା ଜାଣିବାକୁ ମିଳିଲା ।

*–ରାଗିଣୀ ସେନାପତି, ଆଳି, କେନ୍ଦ୍ରାପଡ଼ା*

*ଭଲ ପାଠ ପଢ଼ିଲେ, ବଡ଼ ଚାକିରି କରିବ । ଛୋଟବେଳୁ ପିଲାଙ୍କୁ ଏଇ କଥା ଶିଖାଯାଏ ; ସେଇଥିପାଇଁ ଅନେକେ ଉଚ୍ଚଶିକ୍ଷିତ ହେବା ପରେ ଚାକିରି ଛଡ଼ା ଅନ୍ୟ କିଛି କରିବାକୁ ପସନ୍ଦ କରନ୍ତି ନାହିଁ । କିନ୍ତୁ କିଛିଜଣ ଅଛନ୍ତି, ଉଚ୍ଚଶିକ୍ଷିତ ହୋଇ ବି ରାସ୍ତାକଡ଼ରେ ଷ୍ଟଲ୍ ଲଗାଇ ଛୋଟ ବ୍ୟବସାୟ କରି ନିଜେ ବଞ୍ଚିବା ସହ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇବାରେ ସାହାଯ୍ୟ କରିଆସୁଛନ୍ତି । ସେମାନଙ୍କ ପାଇଁ କର୍ମ ହେଉଛି ଭଗବାନ, ସେ ବଡ଼ ହେଉ ଅବା ଛୋଟ । ତେଣୁ ଏଭଳି ଏକ ପ୍ରେରଣାଦାୟୀ ବିଷୟକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନକୁ ବେଶ୍ ଛୁଇଁଗଲା । ଶୀତଦିନିଆ ଜ୍ୟାକେଟ୍ ଫ୍ୟାଶନ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲ ।

*–ଅଶୋକ ମହାନ୍ତି, ଷ୍ଟେଶନ ବଜାର, ଖୋର୍ଦ୍ଧା*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଳ୍ପୀଗୁରୁ କଳ୍ପତରୁ ମହାରଣାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ସୃଜନ ପୃଷ୍ଠାରେ ସ୍ଥାନିତ ଗ୍ରହ ନାମକ ଗପଟି ମୋ ମନ କିଣିନେଲା । କୁହୁଡ଼ି ଏବଂ ପ୍ରେମ ନାମକ କବିତାଦୁଇଟି ବି ମୋ ମନକୁ ବେଶ୍ ଛୁଇଁଗଲା । ସିନେମା ପୃଷ୍ଠାରେ ସ୍ଥାନିତ 'ବରୁଣ ଯାହା ଖୋଜୁଥିଲେ', 'ଘାରିଛି ପରିବେଶ ଚିନ୍ତା', 'ଡିସେମ୍ବରକୁ ଅପେକ୍ଷା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ମନଛୁଆଁ ଲାଗୁଥିଲା ।

*–ତପସ୍ୱିନୀ ମଲ୍ଲିକ, ଯାଜପୁର*

*ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା । ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା । କାଠକଣ୍ଢେଇ କେମିତି ବଞ୍ଚିବାର ରାହା ପାଲଟିଛି ସେ ସମ୍ପର୍କରେ ବି ଏଥରର ଛୁଟିଦିନରୁ ଅନେକ କିଛି ଜାଣିବାକୁ ମିଳିଲା । ମଡେଲ୍ ମିରର୍‌ରେ ଜ୍ୟୋତିର୍ମୟୀ ଖୁବ୍ ସୁନ୍ଦରୀ ଲାଗୁଥିଲେ । ଏପରି କି ସହର ପୃଷ୍ଠାରେ ସ୍ଥାନିତ ଗୁମ୍ଫା ମନ୍ଦିରର ସହର ବାଦାମୀ ସମ୍ପର୍କରେ ଅନେକ ନୂଆ କଥା ଜାଣିହେଲା ।

*–ଆଦ୍ୟାଶା ପତି, ବଲାଙ୍ଗୀର*



## ବିଶେଷ ଚିଠି

**ଧ**ରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ
ଆସିଥାଅ ପୁଣି ରବିବାର ଦିନ ।
କେତେ ନୂଆ କଥା ସଙ୍ଗେ ଘେନି ଆସ
ସଭିଙ୍କ ମନରେ ଭରିଦିଅ ହସ ।
ପ୍ରଚ୍ଛଦ ତୁମର କରେ କିମିଆ
ସାଥୀ ପୁଣି ଲଗାଏ ମନରେ ନିଆଁ ।
ଭାରି ନିଆରା ଲାଗେ ତୁମ ସହରଠୁ ଦୂର
କେତେ କଥା ଶିଖାଏ ପୁଣି ପ୍ରଥମ ରୋଜଗାର ।
ସେଥିପାଇଁ ଭଲଲାଗେ ତୁମକୁ ହେ ଛୁଟିଦିନ
ଆସିପାରିବ କି ତୁମେ ସପ୍ତାହରେ ସବୁଦିନ ।

*–ଅମରେଶ ମହାନ୍ତି, ଘୋଡ଼ାବଜାର ଛକ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଶାଢ଼ି @ ପୁରୁଷ

**ଫ୍ୟାଶନରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ। ପ୍ରତ୍ୟେକଙ୍କ ରୁଚି ଏଥିରେ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର କରେ। ଏହି କ୍ରମରେ କେତେକ ପୁରୁଷ ନିଜ ପରିଧାନରେ ଶାଢ଼ିକୁ ଆପଣେଇ ତିଆରି କରିଛନ୍ତି ତାଙ୍କର ନିଜସ୍ୱ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ...**


ପୁଷ୍ପକ

ଫ୍ୟାଶନର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ କି କୌଣସି ସୀମା ଭିତରେ ମଧ୍ୟ ଏହା ସୀମିତ ନୁହେଁ। ପ୍ରତ୍ୟେକେ ନିଜସ୍ୱ ରୁଚି ଅନୁଯାୟୀ ତିଆରି କରନ୍ତି ନିଜର ଫ୍ୟାଶନ ଫଣ୍ଡା। ଯେଉଁ କ୍ରମରେ କେତେଜଣ ପୁରୁଷ ଶାଢ଼ିକୁ ଆପଣେଇ ଫ୍ୟାଶନ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି ଏବଂ ମତ ଦେଇଛନ୍ତି, ପୋଷାକ ପିନ୍ଧିବାରେ ସମସ୍ତଙ୍କର ନିଜସ୍ୱ ପସନ୍ଦ ଓ ନିଜସ୍ୱ ରୁଚି ରହିଛି। ତେଣୁ ଶାଢ଼ି ଯେ କେବଳ ନାରୀମାନଙ୍କ ପରିଧାନ ସେ କଥା ନୁହେଁ ; ପୁରୁଷ ଯେମିତି ଧୋତି ପିନ୍ଧୁଛନ୍ତି ସେମିତି ନିଜ ପସନ୍ଦରେ ଶାଢ଼ି ବି ପିନ୍ଧିପାରିବେ। ସେଥିପାଇଁ ଏମାନେ ଶାଢ଼ି ପିନ୍ଧିଛନ୍ତି ଆଉ ଶାଢ଼ି ପିନ୍ଧିବାରେ ବି ବେଶ୍ ସହଜ ଅନୁଭବ କରିବା ସହ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି।

**ଶାଢ଼ି ପୁରୁଷ ହିମାଂଶୁ :** ସାଧାରଣତଃ ଶାଢ଼ିକୁ ମହିଳାମାନେ ପରିଧାନ କରୁଥିବା ଆମେ ଆଜିଯାଏ ଦେଖିଆସିଛେ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଦିଲ୍ଲୀର ଲୋକପ୍ରିୟ ଡିଜାଇନର୍ ହିମାଂଶୁ ବର୍ମା ଆଜକୁ ବହୁ ବର୍ଷ ହେବ ଶାଢ଼ିକୁ ନିଜର ଦୈନନ୍ଦିନ ବସ୍ତ୍ର ଭାବେ ବ୍ୟବହାର କରିଆସୁଛନ୍ତି। ଅନ୍ୟ କୌଣସି ପରିଧାନ ଯେମିତି କି ଧୋତି, କୁର୍ତ୍ତା, ପାଇଜାମା, ଜିନ୍ସ, ଟି-ଶାର୍ଟରେ ତାଙ୍କୁ ଖୁବ୍ କମ୍, ହେଲେ ଶାଢ଼ିରେ ବେଶି ଦେଖିବାକୁ ମିଳିଥାଏ। ଶାଢ଼ି ପିନ୍ଧିବା ଯେହେତୁ ତାଙ୍କର ଅତି ପ୍ରିୟ, ତେଣୁ ଶାଢ଼ି ପୁରୁଷ ଭାବେ ସେ ବେଶ୍ ପରିଚିତ। ହିମାଂଶୁଙ୍କର ଶାଢ଼ି ପିନ୍ଧିବାର ସଉକ ସେବେ ଆରମ୍ଭ ହେଲା, ଯେବେ ସିଏ ପ୍ରଥମ କରି କୌଣସି ଅକେଜନ୍ ପାଇଁ ତାଙ୍କ ମା'ଙ୍କର ଶାଢ଼ି ପିନ୍ଧିଥିଲେ। ସେଦିନ ତାଙ୍କୁ ଶାଢ଼ି ପିନ୍ଧିବାଟା ଏତେ ପସନ୍ଦ ଆସିଥିଲା ଯେ, ତା'ପରଠୁ ସିଏ ଶାଢ଼ି ମାୟାରେ ପଡ଼ିଗଲେ। ଜଣେ ପୁଅ ହୋଇ ଶାଢ଼ି ପିନ୍ଧିବାରେ ତାଙ୍କୁ ସେମିତି କିଛି ଖରାପ ବି ଲାଗି ନ ଥିଲା। ବରଂ ସିଏ ବେଶି କମ୍ଫର୍ଟେବଲ୍ ଲାଗିଲେ ଏହାକୁ ପିନ୍ଧି। ଏ ନେଇ ହିମାଂଶୁଙ୍କର ମତ ହେଲା: 'ଭାରତୀୟ ସଂସ୍କୃତିରେ ଶାଢ଼ିର ମାନ ବହୁ ଉଚ୍ଚରେ ରହିଛି। ଏହାକୁ ସାଧାରଣତଃ ମହିଳାମାନଙ୍କର ଏକ ବିଶେଷ ପରିଧାନ ବୋଲି କୁହାଯାଇଥାଏ। କିନ୍ତୁ ଶାଢ଼ିକୁ ଆଜି ଆମେ ଯେମିତି ଦେଖୁଛେ ବା ପିନ୍ଧୁଛେ ତା'ର ଇତିହାସ ମାତ୍ର ୧୫୦ ବର୍ଷ ପୁରୁଣା ହେବ। ତା' ପୂର୍ବରୁ ଶାଢ଼ିକୁ କିଛି ଭିନ୍ନ ଶୈଳୀରେ ପିନ୍ଧାଯାଉଥିଲା। ଏପରି କି କିଛି ସ୍ଥାନରେ ଏହାକୁ ଧୋତି ସହ ବି ତୁଳନା କରାଯାଉଥିଲା ; ଯାହାକୁ ପୁରୁଷମାନେ ବି ପିନ୍ଧିପାରୁଥିଲେ। ତେଣୁ ମୁଁ ଶାଢ଼ିକୁ କେବେ ବି ଏକ ଷ୍ଟେଟ୍‌ମେଣ୍ଟ ଆଉଟ୍‌ଫିଟ୍ ଭାବେ ପିନ୍ଧିନାହିଁ। ଯେହେତୁ ଆମ ସଂସ୍କୃତି ଓ ପରମ୍ପରା ସହ ଶାଢ଼ିର ସମ୍ପର୍କ ରହିଛି ତେଣୁ ଏହାକୁ ପିନ୍ଧି ମୁଁ ଲୋକଙ୍କ ମନରୁ ଏହି ଭ୍ରମ ଦୂର କରିବାକୁ ଚାହୁଁଛି ଯେ, ଶାଢ଼ିକୁ କେବଳ ମହିଳାମାନେ କାହିଁକି, ପୁରୁଷ ବି ପିନ୍ଧିପାରିବେ ଏବଂ ନିଜକୁ ଭାରତୀୟ ସଂସ୍କୃତିର ଅଂଶ କରିପାରିବେ। କିନ୍ତୁ ଏଥିପାଇଁ ମୁଁ କାହାକୁ ବାଧ କରି ନାହିଁ କି କରିବି ନାହିଁ। କାରଣ ଶାଢ଼ି ପିନ୍ଧିବା ହେଉଛି ମୋର ନିଜସ୍ୱ ପସନ୍ଦ। ଅବଶ୍ୟ ଏଥିପାଇଁ ମୋତେ ଲୋକମାନଙ୍କଠାରୁ ଅନେକ କଥା ଶୁଣିବାକୁ ମିଳିଥିଲା। କିନ୍ତୁ ମୁଁ ସେ କଥାକୁ ଏତେ ନଜର ଦେଇ ନ ଥିଲି। କାରଣ ମୋର ଲକ୍ଷ୍ୟ ଥିଲା ଶାଢ଼ିର ମର୍ଯ୍ୟାଦାକୁ ବୃଦ୍ଧି କରିବା ସହ ଭାରତର ବିଭିନ୍ନ ପାରମ୍ପରିକ ଶାଢ଼ିକୁ ନେଇ ଦେଶବିଦେଶରେ ପ୍ରଚାରପ୍ରସାର କରାଇବା। ତା'ସହିତ ଭାରତୀୟମାନେ ଅନ୍ୟ କୌଣସି ବସ୍ତ୍ର ତୁଳନାରେ କେମିତି ଶାଢ଼ି ପିନ୍ଧିବାକୁ ବେଶି ଭଲ ପାଇବେ। ତେଣୁ ପ୍ରଥମେ ମୁଁ ମୋଠାରୁ ହିଁ ଏହି କାର୍ଯ୍ୟକ୍ରମ ଆରମ୍ଭ କଲି। କାରଣ ଯଦି ଜଣେ ପୁରୁଷ ହୋଇ ନିଜେ ଶାଢ଼ି ପିନ୍ଧି ଏହି କାମ ମୁଁ କରିବି ତା'ହେଲେ ଏହାର ପ୍ରଭାବ ଟିକେ ଅଧିକ ପଡ଼ିବ, ତାହା ଭାବି ମୁଁ ଶାଢ଼ି ପିନ୍ଧିବା

→




ଅଭିଷେକ


ହିମାଂଶୁ

ଜାରି ରଖିଲି। ଏ କ୍ଷେତ୍ରରେ ଘର ଲୋକେ ମୋତେ ଖୁବ୍ ସାହାଯ୍ୟ କଲେ ; ଯେଉଁଥିପାଇଁ ମୋର ଆତ୍ମବିଶ୍ୱାସ ବଢ଼ିଯାଇଥିଲା। କ୍ରମେ ମୁଁ ନିଜର ରେଡ୍ ଆର୍ଥ ନାମକ ଅର୍ଗାନାଇଜେଶନ୍ ଜରିଆରେ ଶାଢ଼ି ଫେଷ୍ଟିଭାଲ୍ କରିବା ଆରମ୍ଭ କରିଦେଲି ; ଯାହାର ଫଳ ସ୍ୱରୂପ ଆଜି ମୁଁ ନିଜ ପାଇଁ ଏକ ଭିନ୍ନ ପରିଚିତି ସୃଷ୍ଟି କରିପାରିବା ସହ ଶାଢ଼ି ପ୍ରତି ଲୋକଙ୍କ ମନରେ ଭଲ ପାଇବା କିଛିଟା ବୃଦ୍ଧି କରିବାରେ ସଫଳ ହୋଇପାରିଛି। ସେଥିପାଇଁ ମୋତେ ଖୁସି ଲାଗୁଛି। ତେବେ ଏଠାରେ କହି ରଖିବାକୁ ଚାହେଁ ଯେ, ମୁଁ ପ୍ରଥମେ ପ୍ରଥମେ ଖୁବ୍ ରଙ୍ଗବେରଙ୍ଗ ତଥା ସିଲ୍କ ଶାଢ଼ି ପିନ୍ଧୁଥିଲି ; ଯାହାକୁ ମୁଁ ଖୁସିରେ ଛମିଆ ଶାଢ଼ି କହୁଥିଲି। କିନ୍ତୁ ଧୀରେ ଧୀରେ ଯେବେ ମୋର ବୟସ ବଢ଼ିବାକୁ ଲାଗିଲା ଏବଂ ରୁଚି ପାଚିବାକୁ ଲାଗିଲା, ଆଉ ଛମିଆ ଶାଢ଼ି ନ ପିନ୍ଧି ହାଲ୍‌କା ହ୍ୟାଣ୍ଡଲୁମ୍ ଶାଢ଼ି ପିନ୍ଧିବାକୁ ଲାଗିଲି। ଏହା ବି ମୋତେ ଟିକେ ଭିନ୍ନ ଲୁକ୍ ଦେଲା। ତା'ପରେ ଶାଢ଼ିକୁ ନେଇ ଆହୁରି ଅଧିକ ଏକ୍ସପେରିମେଣ୍ଟ କଲି ଯେ, କେଉଁ ଷ୍ଟାଇଲ୍‌ରେ ଶାଢ଼ି ପିନ୍ଧିଲେ ଲୁକ୍ ଆହୁରି ସୁନ୍ଦର ଦେଖାଯିବ। ସେଥିପାଇଁ ମୁଁ ନିଜେ ଶାଢ଼ିକୁ ଭିନ୍ନ ଶୈଳୀରେ ପିନ୍ଧିକି ଅନେକ ଫଟୋଶୁଟ୍ ମଧ୍ୟ କରାଇଲି। ମୋର ଏହି ଷ୍ଟାଇଲ୍ ବି ଲୋକଙ୍କ ଉପରେ ଭଲ ପ୍ରଭାବ ପକାଇଲା ଆଉ ମୋ କାମକୁ ମଧ୍ୟ ପ୍ରଶଂସା ମିଳିଚାଲିଲା। ତେଣୁ ମୁଁ ଏତିକି କହିବାକୁ ଚାହେଁ ଯେ, ଯେ କୌଣସି କାମ ହେଉ ନା କାହିଁକି ଯଦି ନିଷ୍ଠା ଓ ଧୈର୍ଯ୍ୟର ସହ କରାଯାଏ, ତା'ହେଲେ ସଫଳତା ଦିନେ ନା ଦିନେ ତୁମ ପାଦ ଚୁମିଥାଏ। ତା'ସହିତ ଆଉ ଗୋଟେ କଥା ବି ମୁଁ କହିବି, ଶାଢ଼ି ପିନ୍ଧିବାଟା କଷ୍ଟ ବୋଲି ଅନେକେ ଭାବିଥାନ୍ତି, କିନ୍ତୁ ତାହା ଆଦୌ ନୁହେଁ। ଅନ୍ତତଃ ମୋ ପକ୍ଷେ ଏହା କଷ୍ଟକାର୍ଯ୍ୟ ବୋଲି ମୁଁ କେବେ ବି ଅନୁଭବ କରିନାହିଁ। ତେଣୁ ମୁଁ ଗୋଟିଏ କଥା ସବୁବେଳେ କହିଥାଏ: ଶାଢ଼ିର ଜୟ ହେଉ, ଶାଢ଼ି ଉତ୍ସବ ଏହିପରି ଚାଲିଥାଉ।'

**ଶାଢ଼ି ଆଉ ବିନ୍ଦିରେ ଚମକିଲେ ପୁଷ୍ପକ:** ଦେହରେ କଳା ରଙ୍ଗର ଶାଢ଼ି, ତା' ଉପରେ ଚେକ୍ ପ୍ରିଣ୍ଟବାଲା ବ୍ଲେଜର୍, ମଥାରେ ନାଲି ରଙ୍ଗର ଏକ ବଡ଼ ବିନ୍ଦି, ଆଖିରେ କ୍ଲାସି ସନ୍‌ଗ୍ଲାସ୍, ତା'ସାଙ୍ଗକୁ ଗୋଟେ ହାତରେ ଛତା ଏବଂ ଅନ୍ୟ ହାତରେ ଷ୍ଟାଇଲିଶ୍ ବ୍ୟାଗ୍। ଏଭଳି ପରିପାଟୀରେ ଇଟାଲିର ମିଲାନ୍ ସହରର ରାସ୍ତାରେ ମଡେଲ୍‌ଙ୍କ ଭଳି ଫଟୋଶୁଟ୍ କରାଇବା ସହ ସୋସିଆଲ୍ ମିଡିଆରେ ଶେୟାର୍ କରି ଏଇ କିଛିଦିନ ତଳେ ବେଶ୍ ଚର୍ଚ୍ଚାକୁ ଆସିଥିଲେ କଲିକତାର ପୁଷ୍ପକ ସେନ୍। ଜଣେ ପୁରୁଷ ହୋଇ ବି ମହିଳାଙ୍କ ଭଳି ବେଶଭୂଷାରେ ସଜେଇ ହୋଇ ଫଟୋ ଉଠାଇବାରେ ତାଙ୍କୁ କୌଣସି ଅସୁବିଧା ହୁଏ ନାହିଁ କି ସଙ୍କୋଚ ବି ଲାଗେ ନାହିଁ। କାରଣ ଏହା ହେଉଛି ତାଙ୍କର ଏକ ସଉକ। ଏହା ପୂର୍ବରୁ ବି ସେ ଅନେକ ଥର ଏମିତି ଶାଢ଼ି ପିନ୍ଧି ଫଟୋ ଉଠାଇ ସୋସିଆଲ୍ ମିଡିଆରେ ଚର୍ଚ୍ଚାରେ ରହିସାରିଛନ୍ତି। କେବେ ସବୁଜ ରଙ୍ଗର ଶାଢ଼ି ସାଙ୍ଗକୁ କଳା ରଙ୍ଗର ଫୁଲ୍ ସ୍ଲିଭ୍ ବ୍ଲାଉଜ୍, ଆଉ ତା' ସାଙ୍ଗକୁ ସନ୍‌ଗ୍ଲାସ୍ ତ ଆଉ କେବେ ପାରମ୍ପରିକ ଶାଢ଼ି ସାଙ୍ଗକୁ ଓଠରେ ନାଲି ଲିପଷ୍ଟିକ୍ ଲଗାଇ। ତେବେ ପୁଷ୍ପକ ଯେହେତୁ ଇଟାଲିରେ ବର୍ତ୍ତମାନ ଫ୍ୟାଶନ ମାର୍କେଟିଂ ଏବଂ କମ୍ୟୁନିକେଶନ ଉପରେ କୋର୍ସ କରୁଛନ୍ତି, ତେଣୁ ତାଙ୍କ ଭିତରେ ଏଭଳି ନିଆରା ଅନ୍ଦାଜ୍ ଆସିବା ସ୍ୱାଭାବିକ କଥା ବୋଲି ଅନେକେ କହୁଛନ୍ତି। ସେହିପରି ଆଉ କେହି କେହି କହୁଛନ୍ତି, ଇଟାଲି ଭଳି ପାଶ୍ଚାତ୍ୟ ସହରରେ ଜଣେ ପୁରୁଷ ହୋଇ ବି ଶାଢ଼ି ପିନ୍ଧି ବୁଲିବା ଛୋଟ କଥା ନୁହେଁ। ହୁଏତ ତାଙ୍କର ଏଭଳି କରିବା ପଛରେ ଆମ ଭାରତୀୟ ସଂସ୍କୃତିକୁ ବିଦେଶରେ ପ୍ରଚାରପ୍ରସାର କରାଇବା ଏକ ଲକ୍ଷ୍ୟ ହୋଇପାରେ। ତେବେ ସେ ଯାହା ବି ହେଉ, ସୋସିଆଲ୍ ମିଡିଆରେ ପୁଷ୍ପକଙ୍କର ଶାଢ଼ି ଲୁକ୍‌କୁ ଦେଖି ୟୁଜର୍ସମାନେ ଯେମିତି ପସନ୍ଦ କରିଥିଲେ ସେମିତି ଭଲ ଭଲ କମେଣ୍ଟ ବି ଦେଇଥିଲେ। କିଏ ଲେଖିଥିଲେ 'ବିନ୍ଦି ଆପଣଙ୍କ ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇ ଦେଇଛି' ତ ଆଉ କିଏ ଲେଖିଥିଲେ 'ଆପଣଙ୍କର ଶାଢ଼ି ଲୁକ୍ ମୋତେ ମନ୍ତ୍ରମୁଗ୍ଧ କରିଦେଇଛି' ଇତ୍ୟାଦି।

**ଶାଢ଼ି ଆଉ ଜୁଏଲେରି ପ୍ରିୟ ଅଭିଷେକ:** କୁହାଯାଏ ଶାଢ଼ି ଆଉ ଜୁଏଲେରି ପ୍ରତି ମହିଳାମାନଙ୍କର ବେଶ୍ ଦୁର୍ବଳତା ରହିଥାଏ। କିନ୍ତୁ ଏସବୁରୁ କିଛି ବ୍ୟତିକ୍ରମ କରି ଦେଖାଇଛନ୍ତି ବାଙ୍ଗାଲୋର୍‌ର ଅଭିଷେକ ଏସ୍ ମୁର୍ଥୀ। ସିଏ ହେଉଛନ୍ତି ଜଣେ ଲୋକପ୍ରିୟ ଟେକ୍ସଟାଇଲ୍ କନ୍‌ସଲ୍‌ଟାଣ୍ଟ। ଖାସ୍‌କରି ଟ୍ରାଡିଶ୍‌ନାଲ୍, ଆଣ୍ଟିକ୍, ଟ୍ରାଇବାଲ୍ ଜୁଏଲେରି ଏବଂ ହ୍ୟାଣ୍ଡଲୁମ୍ ପୋଷାକ ପ୍ରତି ତାଙ୍କର ରହିଛି ଖୁବ୍ ଦୁର୍ବଳତା। ସେଥିପାଇଁ ସିଏ ଭାରତର ବିଭିନ୍ନ ସ୍ଥାନ ଏପରି କି ବହୁ ନିପଟ ମଫସଲ ଅଞ୍ଚଳକୁ ବୁଲିଯାଇ ସେଠାକାର ପାରମ୍ପରିକ ଜୁଏଲେରି ଏବଂ ଟିକେ ଭିନ୍ନ ଦେଖାଯାଉଥିବା ପୋଷାକ ଆଦିକୁ କଲେକ୍ସନ୍ କରିଥାନ୍ତି। ଏବଂ ପରେ ତାହାକୁ ଷ୍ଟାଇଲିଶ୍ ଭାବେ ପିନ୍ଧି ସୋସିଆଲ୍ ମିଡିଆରେ ଫଟୋ ଶେୟାର୍ କରିଥାନ୍ତି। ତାଙ୍କ ଷ୍ଟାଇଲ୍‌କୁ ବି ଲୋକେ ଖୁବ୍ ପସନ୍ଦ କରନ୍ତି। ସେଥିପାଇଁ ତ ତାଙ୍କର ଅନେକ ଫଲୋୟର୍ ମଧ୍ୟ ଅଛନ୍ତି। କେବଳ ଜୁଏଲେରି ନୁହେଁ, ତାଙ୍କ ପାଖରେ ରହିଛି ଅନେକ ହ୍ୟାଣ୍ଡଲୁମ୍ ଶାଢ଼ିର ବି କଲେକ୍ସନ। ଶାଢ଼ିକୁ ଟିକେ ଭିନ୍ନ ଶୈଳୀରେ ପିନ୍ଧି ଟ୍ରେଣ୍ଡି ଦେଖାଯିବାକୁ ସିଏ ଭଲ ପାଇଥାନ୍ତି। ଶାଢ଼ିକୁ ନେଇ ମଧ୍ୟ ତାଙ୍କର ଅନେକ ଫଟୋ ଶୁଟ୍ ହୋଇଛି ଏବଂ ତାହା ସୋସିଆଲ୍ ମିଡିଆରେ ମଧ୍ୟ ଖୁବ୍ ଭାଇରାଲ୍ ହୋଇଛି। ତେବେ ସେ ଯାହା ବି ହେଉ ଭାରତର ପାରମ୍ପରିକ ଜୁଏଲେରି ଏବଂ ପାରମ୍ପରିକ ଶାଢ଼ିକୁ ପିନ୍ଧି ଅଭିଷେକ କେବଳ ଯେ ସୋସିଆଲ୍ ମିଡିଆରେ ଚର୍ଚ୍ଚିତ ହୋଇଛନ୍ତି ତାହା ନୁହେଁ, ତାଙ୍କ ଦ୍ୱାରା ବି ଦେଶବିଦେଶରେ ଅନେକ ଲୋକ ଭାରତୀୟ ସଂସ୍କୃତି ଓ ପରିପାଟୀ ସମ୍ପର୍କରେ ଅନେକ୍ କିଛି ଜାଣିବାର ସୁଯୋଗ ପାଇପାରିଛନ୍ତି।


ବିକ୍ରମାଦିତ୍ୟ





**ଶାଢ଼ି ପାଇଁ ମମିସ୍ ଶାଢି ପ୍ରୋଜେକ୍ଟ:** ଲୋକପ୍ରିୟ ସାମାଜିକ କର୍ମୀ ତଥା ପ୍ରସିଦ୍ଧ ଲେଖକ ବିକ୍ରମାଦିତ୍ୟ ସହାୟଙ୍କର ବି ଶାଢ଼ି ପିନ୍ଧିବା ଖୁବ୍ ପସନ୍ଦ। ସେଥିପାଇଁ ତାଙ୍କ ପାଖରେ ରହିଛି ଶାଢ଼ିର ଅନେକ କଲେକ୍ସନ। ଏଇ କିଛିଦିନ ତଳେ ସିଏ ମମିସ୍ ଶାଢ଼ି ପ୍ରୋଜେକ୍ଟ ନାମରେ ଏକ ପ୍ରୋଗ୍ରାମ୍ ଆରମ୍ଭ କରିଛନ୍ତି। ଏହି ପ୍ରୋଗ୍ରାମ୍ ଜରିଆରେ ସିଏ ମହିଳାମାନଙ୍କୁ ଅନୁରୋଧ କରିଛନ୍ତି ଯେ, ଯେଉଁମାନେ ନିଜ ୱାର୍ଡରୋବରେ ଅଯଥା ଶାଢ଼ିକୁ ଗଦେଇ ରଖିଛନ୍ତି ; ଏହାଦ୍ୱାରା ସେମାନଙ୍କର କ'ଣ ଫାଇଦା ହେଉଛି। ଯଦି ସେମାନେ ତାହାକୁ ପିନ୍ଧୁ ନାହାନ୍ତି, ତା'ହେଲେ ସେହି ଶାଢ଼ିକୁ କୌଣସି ଗରିବ ମହିଳାଙ୍କୁ ଦାନ କରି ଦିଅନ୍ତୁ ; ଏହାଦ୍ୱାରା ଗରିବ ଲୋକଟି ଖୁସି ହେବ ତା'ସହିତ ନିଜକୁ ବି ଆତ୍ମସନ୍ତୋଷ ମିଳିବ। ଏହି କ୍ଷେତ୍ରରେ ତାଙ୍କୁ ସାହାଯ୍ୟ କରିବାକୁ ମମିସ୍ ଶାଢ଼ି ପ୍ରୋଜେକ୍ଟ ସବୁବେଳେ ସେମାନଙ୍କ ସାଥିରେ ରହିଛି। କାରଣ ଏହି ପ୍ରୋଜେକ୍ଟ ବି ଗରିବ ମହିଳା ତଥା ଗରିବ ତୃତୀୟ ଲିଙ୍ଗୀକୁ ଶାଢ଼ି ଦାନ କରିବା ଉପରେ କାମ କରିଥାଏ। ମହିଳାମାନେ ଚାହିଁଲେ ଏହି ପ୍ରୋଜେକ୍ଟ ମାଧ୍ୟମରେ ବି ସେମାନଙ୍କର ଶାଢ଼ିକୁ ଦାନ କରିପାରିବେ।

ଶାଢିରେ ସୁନ୍ଦର ନାରୀ, ଏକଥା ସତ। କିନ୍ତୁ ଶାଢି କେବଳ ନାରୀଙ୍କୁ ସୁନ୍ଦର କରେ ନାହିଁ। ପୁରୁଷଙ୍କୁ ବି ଆକର୍ଷଣୀୟ କରିବା ସହ ସ୍ୱତନ୍ତ୍ର କରେ।

—ଅନ୍ୱିତା ମିଶ୍ର

# ଜିନ୍ସ ଶାଢ଼ି ଫ୍ୟାଶନ୍









**ୱେଷ୍ଟର୍ନ ଆଉଟ୍‌ଫିଟ୍‌ରେ ଜିନ୍ସର ଫ୍ୟାଶନ ଯେମିତି କେବେବି ଆଉଟ୍ ଡେଟେଡ୍ ହୁଏନାହିଁ ସେହିଭଳି ଇଣ୍ଡିଆନ୍ ୱେର୍‌ରେ ଶାଢ଼ିର ଫ୍ୟାଶନ୍ ବି ସବୁବେଳେ ରହିଛି ଓ ରହିଥିବ। ତେବେ ଏହି ଦୁଇ ଆଉଟ୍‌ଫିଟ୍‌କୁ ଯଦି କମ୍ବାଇନ୍ କରିଦିଆଯାଏ ଲୁକ୍ ନିଶ୍ଚିତଭାବେ ଭିନ୍ନ ଓ ଗ୍ଲାମର୍ସ ହୋଇଯିବ। ତେବେ ଏହି ଜିନ୍ସ ଶାଢ଼ି ଲୁକ୍‌କୁ କିଭଳି ପାଇପାରିବେ ଜାଣନ୍ତୁ ନିମ୍ନରୁ...**

**ରିପ୍ଡ଼ ଜିନ୍ସ ସହ ଶାଢ଼ିର ସ୍କାର୍ଫ ଲୁକ୍:** ଲାଇଟ୍ କଲର୍ ରିପ୍‌ଡ ଜିନ୍ସ ପ୍ୟାଣ୍ଟ ସହ ଡିପ୍ କଲର୍ ଶାଢ଼ି ଓ କଣ୍ଟ୍ରାଷ୍ଟ କଲର୍‌ର ବୋଟ୍ ନେକ୍ ବ୍ଲାଉଜ୍ ପିନ୍ଧି ଏକ ଏଲିଗାଣ୍ଟ ଇଣ୍ଡୋ ୱେଷ୍ଟର୍ନ ଲୁକ୍ ପାଇପାରିବେ। ଶାଢ଼ିକୁ ଏମିତି ପିନ୍ଧିବେ ଯେମିତିକି ଗୋଟିଏ ଗୋଡ଼ର ଜିନ୍ସ ସମ୍ପୂର୍ଣ୍ଣଭାବେ ଦେଖାଯାଉଥିବ ଓ ଅନ୍ୟ ଗୋଡ଼ଟି ଶାଢ଼ିରେ ଘୋଡ଼େଇ ହୋଇ ରହିବ। ଆଉ ଶାଢ଼ିର ପଣତ ସାମ୍‌ନା ପଟରୁ ଡାହାଣରୁ ବାମକୁ ନେଇ ବେକରେ ସ୍କାର୍ଫପରି ଗୁଡ଼େଇ ରଖିବେ। ଏଇ ସ୍କାର୍ଫ ଲୁକ୍ ବେଶ୍ ଟ୍ରେଣ୍ଡି ଲାଗେ।

**ଜିନ୍ସ– ହ୍ୱାଇଟ୍ ସର୍ଟ ସହ ଶାଢ଼ି:** ବ୍ଲୁ ଜିନ୍ସ ସହ ହ୍ୱାଇଟ୍ ସର୍ଟ ଇନ୍ କରି ପିନ୍ଧି ତା'ଉପରେ ଡିପ୍ ରେଡ କଲର୍ ଅବା ଅନ୍ୟ କୌଣସି ଡିପ୍ କଲର୍ ଶାଢ଼ିକୁ ପିନ୍ଧନ୍ତୁ। ଶାଢ଼ି ଏମିତି ପିନ୍ଧିବେ ଯେମିତି ଡାହାଣ ଗୋଡ଼ର ଜିନ୍ସ ଦେଖାଯିବ ଓ ବାମ ଗୋଡ଼ ଶାଢ଼ିରେ କଭର୍ ହୋଇ ରହିବ। ଶାଢ଼ିର ପଣତକୁ ବାମ ପଟ କାନ୍ଧ ପାଖରେ ପ୍ଲିଟ୍ କରିପାରିବେ। ଏଇ ଲୁକ୍ ବି ବହୁତ ଷ୍ଟାଇଲିଶ ଲାଗେ। ଏହା ସହ ହାଇ ହିଲ୍ ପିନ୍ଧିବାକୁ ଭୁଲିବେନି।

**ବେଲ୍ଟ ଷ୍ଟାଇଲ୍ ଜିନ୍ସ ଶାଢ଼ି ଲୁକ୍:** ଜିନ୍ସ ଓ କ୍ରପ୍‌ଡ ଟପ୍ସ ସହ ଶାଢ଼ିକୁ ଉପରୋକ୍ତ ପ୍ରକାରରେ ଅର୍ଥାତ୍ ଶାଢ଼ି ପ୍ୟାଣ୍ଟ ଲୁକ୍ ଭଳି ପିନ୍ଧି ଅଣ୍ଟା ଭାଗରେ ଏକ ସୁନ୍ଦର ବେଲ୍ଟ ଲଗାଇ ଦିଅନ୍ତୁ। ଦେଖିବେ ଲୁକ୍ କେତେ ସ୍ମାର୍ଟ ଲାଗିବ।



**ଜିନ୍ସ ଶାଢ଼ିର ବ୍ଲାକ୍ ଲୁକ୍:** ବ୍ଲାକ୍ କଲର୍ ଜିନ୍ସ ପ୍ୟାଣ୍ଟ ସହ ବ୍ଲାକ୍ କଲର୍‌ର ବ୍ଲାଉଜ୍ ଏବଂ ତା'ସହ ସୁନ୍ଦର ବର୍ଡର ଥିବା ବ୍ଲାକ୍ କଲର୍ ଶାଢ଼ି ପିନ୍ଧନ୍ତୁ। ଦେଖିବେ ଶାଢ଼ି ପ୍ୟାଣ୍ଟ ଲୁକ୍ କିଭଳି ବୋଲ୍ଡ ଲାଗିବ। ତା'ସହ ହାଇ ହିଲ୍ସ ଓ କିଛି ଗହଣା ବି ପିନ୍ଧିନେବେ।

**ପ୍ରିଣ୍ଟେଡ ଜିନ୍ସ ସହ ପ୍ଲେନ୍ ଶାଢ଼ି:** ସବୁବେଳେ ପ୍ଲେନ୍ ଜିନ୍ସ ସହ ପ୍ରିଣ୍ଟେଡ ଶାଢ଼ି ନ ପିନ୍ଧି କେବେ ଏହାର ଓଲଟା ଅର୍ଥାତ୍ ପ୍ରିଣ୍ଟେଡ ଜିନ୍ସ ସହ ପ୍ଲେନ୍ ଶାଢ଼ିକୁ ଶାଢ଼ି ପ୍ୟାଣ୍ଟ ଷ୍ଟାଇଲ୍‌ରେ ପିନ୍ଧନ୍ତୁ। ଏଥିରେ ବ୍ଲାଉଜ୍‌କୁ ଜିନ୍ସ ସହ ମ୍ୟାଚିଂ କରି ଅବା କଣ୍ଟ୍ରାଷ୍ଟ କଲର୍‌ର ବି ପିନ୍ଧିପାରିବେ। ଏହି ଲୁକ୍ ଖୁବ୍ ଆକର୍ଷକ ଲାଗେ। କକ୍‌ଟେଲ୍ ପାର୍ଟି ପାଇଁ ଏହି ଲୁକ୍ ପରଫେକ୍ଟ।

**ଜିନ୍ସ ଜ୍ୟାକେଟ୍ ସହ ଶାଢ଼ି:** କେବେ ଶାଢ଼ି ଉପରେ ଡେନିମ୍ ଜ୍ୟାକେଟ୍ ପିନ୍ଧନ୍ତୁ ଦେଖିବେ ଶାଢ଼ି ଲୁକ୍ ପୂରା ବଦଳି ଟ୍ରେଣ୍ଡି ଲାଗିବ। ଚାହିଁଲେ ଜିନ୍ସର ଜ୍ୟାକେଟ୍‌କୁ ବ୍ଲାଉଜ୍‌ଭାବେ ପିନ୍ଧି ମଧ୍ୟ ଶାଢ଼ି ପିନ୍ଧିପାରିବେ, ଯାହାକି ଆପଣଙ୍କ ଲୁକ୍‌କୁ ଖାସ୍ କରିଦେବ।







# ପକ୍ଷୀ ପ୍ରେମୀ ନନ୍ଦ କିଶୋର









ପ୍ରାକୃତିକ ପରିବେଶରେ ବିଭିନ୍ନ ଜୀବଜନ୍ତୁ କିପରି ନିର୍ଭୟ, ମୁକ୍ତ ଓ ନିରାପଦରେ ବିଚରଣ କରିବା ସହିତ ବଂଶବିସ୍ତାର କରିପାରିବେ, ଏଥିପାଇଁ କେବଳ ବନ କର୍ମଚାରୀଙ୍କ ପଦକ୍ଷେପ ଯଥେଷ୍ଟ ନୁହେଁ। ପ୍ରତ୍ୟେକଙ୍କ ସାହାଯ୍ୟ ଓ ସହଯୋଗ ଜରୁରୀ ବୋଲି ବିଶ୍ୱାସ କରନ୍ତି ନନ୍ଦ କିଶୋର ଭୁଜବଳ। ଜନ୍ମ ୨।୬।୧୯୪୬ ମସିହାରେ। ପିତା ଡମ୍ବୁରଧର ପରିଡ଼ା। ମା' ହାରମଣି ଦେବୀ। ଘର ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଟାଙ୍ଗୀ-ଚିଲିକା ଛକ ରୋଡ଼ କଡ ନିକଟରେ। ସେ କୁହନ୍ତି, 'ପିଲାଟି ଦିନରୁ ବାପାଙ୍କ ସହିତ ଜଙ୍ଗଲ ବୁଲିବାକୁ ଯାଉଥିଲି। ମୋ ବାପା ଥିଲେ ଆମ ଅଞ୍ଚଳର ଜଣେ ଜଣାଶୁଣା ଶିକ୍ଷକ। ତାଙ୍କ ସହିତ ଯେବେ ସ୍କୁଲକୁ ଯାଉଥିଲି ସେ ସ୍କୁଲ ପରିସରରେ ବିଭିନ୍ନ ଗଛ ଲଗାଉଥିଲେ। ତାହା ଦେଖି ମୁଁ ଖୁସି ହୋଇଯାଉଥିଲି। ବଳରାମ ଦେବ ବିଦ୍ୟାପୀଠ ଟାଙ୍ଗୀରେ ୧୦ମ ପଢ଼ାସାରି ନୟାଗଡ଼ କଲେଜରେ ଯୁକ୍ତ୨ ପଢ଼ିଲି। ଫୁଟ୍‌ବଲ ଓ ଭଲିବଲ ପୁଣି ବ୍ୟାଡ଼ମିଣ୍ଟନ ଖେଳିବା ଅଭ୍ୟାସ ରହିଥିଲା। ଘରେ ଗୀତ ଗାଇବା ଓ ହାରମୋନିୟମ ବଜାଇବା ନିଶା ହୋଇଯାଇଥିଲା। କିନ୍ତୁ ୧୯୭୦ମସିହାରେ ବେଲପାହାଡ଼ର ଏକ ରିଫ୍ରାକ୍ଟୋରି ଲିମିଟେଡ଼ରେ ଚାକିରି କଲି। କିଛି ବର୍ଷ କାମ କରିବା ପରେ ୧୯୯୧ମସିହାରେ ସେଠାରୁ ଚାକିରି ଛାଡ଼ି ଦେଇଥିଲି। ସେ ସମୟରେ ବେଳେବେଳେ ଘରୁ ଲୁଚିକି ଯାଇ ବନ୍ଧୁକରେ ଜୀବଜନ୍ତୁଙ୍କୁ ଶିକାର କରିବା ମୋର ଏକ ସୌଖିନ ଅଭ୍ୟାସ ଥିଲା। ୧୯୬୮ମସିହାର କଥା, ଥରେ ଗାଁ ନିକଟ ଗହୀରବିଲ ଆକାଶରେ ଗୋଟିଏ ବଗକୁ ଗୁଳିକରି ମାରିଦେଇଥିଲି। ଗୁଳିବିଦ୍ଧ ବଗଟି ଆକାଶରୁ ଭୂମିରେ ଖସି ପଡ଼ିଥିଲା କିନ୍ତୁ ସେହି ବଗଟି ତା'ର ଚଞ୍ଚୁରେ କାଠିକୁଟା ଧରିଥିଲା। ଏହା ମୁଁ ଖୁବ୍ ମର୍ମାହତ ହୋଇଥିଲି। ତା'ପରେ ଚିନ୍ତାକଲି କିପରି ବିଭିନ୍ନ ଜୀବଜନ୍ତୁ ଓ ପକ୍ଷୀ ସୁରକ୍ଷା କରିହେବ। ଅନ୍ୟପକ୍ଷେ ସେତେବେଳେ ଚିଲିକାରେ ବହୁଳ ମାତ୍ରାରେ ପକ୍ଷୀ ଶିକାର ହେଉଥିଲା। ତେଣୁ ସେମାନଙ୍କ ସୁରକ୍ଷା କଥା ଚିନ୍ତା କଲି। ଟାଙ୍ଗୀ ଓ ରଣପୁର ଅଞ୍ଚଳର କେତେକ ଗାଁରେ ଜଙ୍ଗଲ କମିଟି ଗଠନ କରିଥିଲି। ପ୍ରଥମେ ମା' ପଶ୍ଚିମାଶୁଣୀ ଜଙ୍ଗଲ ସୁରକ୍ଷା କମିଟି, ତାପରେ ୧୯୯୬ରୁ ଚିଲିକା ପକ୍ଷୀ ସୁରକ୍ଷା ନିମନ୍ତେ ସୋରଣଠାରେ ମୁସଲିମ ସାହି ଏବଂ ମଙ୍ଗଳାଯୋଡ଼ି ଗାଁରେ ପକ୍ଷୀ ସୁରକ୍ଷା ସମିତି ଗଠନ କରାଯାଇଥିଲା। କିନ୍ତୁ ଚିଲିକା ଉପକୂଳ କେତେକ ଗାଁରେ ବହୁଳ ପକ୍ଷୀ ଶିକାର ଯୋଗୁ ଶିକାରୀମାନେ ପକ୍ଷୀସୁରକ୍ଷା ପାଇଁ ପ୍ରଥମେ ଆମକୁ ବିରୋଧ କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ବାରମ୍ବାର ସଚେତନତା ସୃଷ୍ଟି କରିବା ପରେ କେତେଜଣ ବୁଦ୍ଧିଜୀବୀ, ପରିବେଶବିତ୍‌ଙ୍କ ସହ କେତେଜଣ ଶିକାରୀ ସ୍ୱତଃପ୍ରବୃତ୍ତଭାବେ ପକ୍ଷୀ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲେ । ଏପରିକି କେତେଜଣ ଶିକାରୀଙ୍କୁ କାଳିଜାଈଙ୍କ ପୀଠରେ ପକ୍ଷୀ ଶିକାରରୁ ନିବୃତ୍ତ ରହିବା ପାଇଁ ଶପଥ କରାଇବାରେ ସଫଳ ହୋଇଥିଲି। ପ୍ରଥମେ ୧୨ଜଣ ଶିକାରୀ ଏବଂ ଗ୍ରାମର କେତେଜଣ ଯୁବକଙ୍କୁ ନେଇ ସୁରକ୍ଷାକମିଟି ଗଠନ କରାଯାଇଥିଲା। ଏମାନଙ୍କ ମଧ୍ୟରେ ମଙ୍ଗଳାଯୋଡ଼ିର କିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ରାଉତରା (ନନିକି) ପ୍ରମୁଖ ପରିବର୍ତ୍ତନ ହୋଇଛନ୍ତି । ଏବେ ସେମାନେ ପକ୍ଷୀ ସୁରକ୍ଷାକାରୀ ଭାବେ କାର୍ଯ୍ୟ କରୁଛନ୍ତି। ମହାବୀର ପକ୍ଷୀ ସୁରକ୍ଷା ସମିତିର ମଙ୍ଗଳାଯୋଡ଼ି ଗାଁରେ ପ୍ରାୟ ୪୮ଜଣ ସଦସ୍ୟ ମହାବୀର ପକ୍ଷୀ ସୁରକ୍ଷା କମିଟିରେ ରହିଛନ୍ତି। ଏବେ ଚିଲିକା ଅଞ୍ଚଳର କିଛି ଶିକାରୀ ଓ ଗ୍ରାମବାସୀ ମଧ୍ୟ ଚିଲିକା ପକ୍ଷୀ ସୁରକ୍ଷାରେ ସାମିଲ ହୋଇଛନ୍ତି।' ଏହିସବୁ କାର୍ଯ୍ୟ ପାଇଁ ୨୦୦୬-୦୭ରେ ନନ୍ଦ କିଶୋରଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ବିଜୁ ପଟ୍ଟନାୟକ ପୁରସ୍କାର ମିଳିଛି। ତାସହ ୨୦୧୧ରେ ଆର୍‌ବିଏସ୍ ତରଫରୁ ଗ୍ରୀନ୍ ଯୋଦ୍ଧା ପୁରସ୍କାର, ହଲ୍ ଅଫ ଫେମ୍ ୱାଇଲ୍‌ଡ ଲାଇଫ କଞ୍ଜରଭେଶନ-୨୦୧୪, ଆର୍‌ଟୁଲ ଗ୍ରୀନ ଯୋଦ୍ଧା ୱେଷ୍ଟବେଙ୍ଗଲ-୨୦୨୦, ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ୱାଇଲ୍‌ଡ ଲାଇଫ କଞ୍ଜରଭେଶନ ପୁରସ୍କାର-୨୦୨୧ରେ ମିଳିଛି। ନନ୍ଦ କିଶୋର କୁହନ୍ତି,'ମୋ ପରିବାର କହିଲେ ଆମେ ମା'ବାପାଙ୍କ ୫ପୁଅ, ୩ଝିଅ। ଆଉ ମୋର ଗୋଟିଏ ପୁଅ, ୨ଜଣ ଝିଅ। ମୋର ଏହି କାମରେ ସମସ୍ତଙ୍କର ସମର୍ଥନ ରହିଛି। ଦିନଥିଲା ଶିକାରୀମାନେ ପକ୍ଷୀ ଶିକାରକରି ଘରର ମଞ୍ଚା, ପାଳଗଦା, ମାଟିହାଣ୍ଡି ଏପରିକି ଘରଠାରୁ ଦୂର ଅନ୍ୟତ୍ର ସ୍ଥାନରେ ଲୁଚାଇ ଚୋରାରେ ବେପାର କରୁଥିଲେ। ମାତ୍ର ୧୯୭୨ମସିହା ଜଙ୍ଗଲ ବନ୍ୟପ୍ରାଣୀ ସୁରକ୍ଷା ଆଇନ ସମ୍ପର୍କରେ ଗାଁଲୋକମାନେ ସଚେତନ ହେବାପରେ ପକ୍ଷୀ ଶିକାର କିଛିଟା କମିଯାଇଛି। ଚିଲିକା ୱାଇଲ୍ଡ ଲାଇଫ ଡିଭିଜନ ତରଫରୁ ପକ୍ଷୀସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। ସିଡିଏ ତରଫରୁ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ବି କରାଯାଉଛି।


**-ବନବିହାରୀ ବେହେରା**











# ଶୀତ

–ପୂର୍ଣ୍ଣିମା ଲେଙ୍କା

ନୂଆଣିଆ ଚାଳ ଘର ଫାଙ୍କରୁ
ଉଠୁ ଥିବା ଧୂଆଁ ।

ଚା' କପର ଉଷ୍ମତାକୁ
ଅନୁଭବ କରୁ କରୁ
ବଞ୍ଚିତ ହେବାର ଅନ୍ୟ ନାମ।

ପାହାଡ଼ି ଗାଁ ର ସବୁଜ ବନରେ
ମୋତିର ମାଳା ।

ଫଟା ଓଠରେ ଗୋଟେ ସ୍ମିତ ହସ !!!
ମଫ୍‌ଲର ଭିତରେ ଏକ ରହସ୍ୟମୟ
କାଶ।

–ଗବେଷକ,ଆଇ.ଆଇ.ଟି, ଧାନବାଦ ,
କେନ୍ଦୁଝର,ଓଡିଶା
ମୋ:୭୦୦୮୨୦୭୮୪୪

# ସୂଚନା

–ସୁଜାତା ମହାପାତ୍ର

କାଲି ଆଇଁସ ବାରିକୁ ଆଜି ଭୋର୍‌ରୁ କୁକୁର ମାଳମାଳ ବଜାର ମଝାମଝି ମାଛ କାତି, ଅନ୍ତ, ପୁଟିରେ ବେକମୁହାଁ ଭର୍ତ୍ତି ଗୋଟିଏ କଳାଜରିକୁ ଟାଣି ଓଟାରି ଖିନ୍‌ଭିନ୍ କରିସାରିଲେଣି ଦୁଇ କୁକୁର। ନା ଖାଉଛନ୍ତି ନା ଛାଡୁଛନ୍ତି। ବିଚରା ଗାଈଟା ସେତିକିବେଳୁ ଅନେଇଛି ଯେ ଅନେଇଛି !
ସବୁଦିନ ତ ଏଇଠୁ ପରିବା ଚୋପା, କୋବି ପତ୍ରରୁ ଆରମ୍ଭ କରି ପଚା ଆଳୁ, ବାଇଗଣ ଓ ଟମାଟୋ ଯାଏଁ ଗାଈଟି ପାଇଁ ଢେର ଖାଇବା ମିଳିଯାଏ । ହେଲେ ଆଜି ଏ କୁକୁର ଗୁଡା ମଇଦାନ ଛାଡିଲେ ତ' !

ପ୍ରାତଃ ଭ୍ରମଣରେ ଯାଉଥିବା ଅନେକଙ୍କ ପାଇଁ ଦେହସୁହା ଏ ଦୃଶ୍ୟ। ଗାଈମାନେ ପଚାସଢା ପରିବା ଗଦାକୁ ଓ ମଣିଷମାନେ ନିଜ ନିଜକୁ ହିଁ ଦେଖୁଥାଆନ୍ତି କେବଳ ।

ବଜାରର ଏ ସମସ୍ତ କୋଳାହଳ ଭିତରେ କୋଉକାଳର ପୁରୁଣା ଟେଲିଫୋନ ଖୁଣ୍ଟିରେ ଅଦରକାରୀ ଭାବେ ଓହଳି ରହିଥିବା ସେହି ରଂଗଛଡ଼ା ସୂଚନା ଫଳକଟି କିନ୍ତୁ ନିଜ ଉପସ୍ଥିତି ଜାହିର କରିବାରେ ଖୁବ ଦୁର୍ବଳ ମନେ ହେଉଥିଲା, ଯେଉଁଥିରେ ଲିଭା ଲିଭା ଅକ୍ଷରରେ ଲେଖାଥିଲା। ଓଦା ଆବର୍ଜନାକୁ ସବୁଜ ରଙ୍ଗର ବାକ୍ସରେ ଓ ଶୁଖିଲା ଆବର୍ଜନାକୁ ନୀଳ ରଙ୍ଗର ବାକ୍ସରେ ପକାନ୍ତୁ । ସବୁଜ, ସୁନ୍ଦର ମୋ ସହର।

–ଶିବାନୀ ଏନ୍‌କ୍ଲେଭ
ବମୀଖାଲ କେନାଲ ରୋଡ, ଭୁବନେଶ୍ୱର, ୭୫୧୦୧୦
ମୋ : ୯୪୩୭୩୬୦୯୬୪



# କାଞ୍ଚି ଅଭିଯାନ

–ରାଜକିଶୋର ଦାସ

ପାଣି ବୁନ୍ଦେ ପାଇଁ
ମୁହୂର୍ତ୍ତ ମୁହୂର୍ତ୍ତରେ ଯୁଦ୍ଧ ଭୟ
ଆଇନ, ଅଦାଲତ, କମିଶନ
ଜାତି, ଧର୍ମ, ସୀମାରେଖାର ଦ୍ୱନ୍ଦ୍ୱ ।

ହଜାର ହଜାର ଏକର
ବାସଚ୍ୟୁତ,
ଜଳଭୟ, ଶୁଖାଭୟ ।

କବିପାଇଁ ଦୁଃଖର ପ୍ରତୀକ ଖୋଜି
ମିଳିଯାଏ କୋଲାଭରମ୍
ମହାନଦୀ ଶବ୍ଦ ।

ଦାଉ ଦାଉ ଖରା ତାତିରେ
ତଣ୍ଟି ଶୁଖିଗଲେ ବି
ମନେପଡେନି ମାଣିକର
ଦହି ଦୁଧ ।

କେବେଠୁ ଉଜୁଡ଼ି ଗଲାଣି
ଉଭେଇ ଗଲାଣି,
କାଞ୍ଚି ଅଭିଯାନ
ଗୋଦାବରୀ ଲଙ୍ଘିବାର ସ୍ୱପ୍ନ ।

କେବଳ ଛାତିସାରା
ଟପଟପ , ଟପଟପ
ଧଳାଘୋଡ଼ା , କଳାଘୋଡ଼ାର
ଟାପୁ ଶବ୍ଦ ।

–ଶ୍ରୀରାମନଗର , ସାମନ୍ତରାପୁର
ଭୁବନେଶ୍ୱର ୨
ମୋ: ୯୪୩୯୦୮୩୯୪୦





ତାରା ସୁତାରିଆ

# ଭାଗ୍ୟବତୀ ତାରା

ତାରା ସୁଟାରିଆଙ୍କ ପ୍ରତି ଭାଗ୍ୟଦେବୀ ପ୍ରସନ୍ନ ହୋଇଛନ୍ତି କହିଲେ ଆଦୌ ଭୁଲ ହେବ ନାହିଁ। ଦେଖୁନାହାନ୍ତି, ନିକଟରେ ରିଲିଜ ହୋଇଥିବା 'ତଡପ୍' ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହେବା ପରେ ମଧ୍ୟ କେମିତି ତାଙ୍କୁ ଅଫର ପରେ ଅଫର ମିଳିଚାଲିଛି। 'କବୀର ସିଂ'ଚଳଚ୍ଚିତ୍ରର ପ୍ରଯୋଜକ ମୁରାଦ ଖେତାନିଙ୍କ ଆଗାମୀ ଫିଲ୍ମରେ ତାରା ସୋଲୋ ନାୟିକା ସାଜୁଛନ୍ତି। ସିନେଓ୍ୱାନ ଷ୍ଟୁଡିଓ ବ୍ୟାନରରେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଯେତେବେଳେ ମୁରାଦ ଏପରି ଅଫର ତାରାଙ୍କୁ ଦେଲେ ତାରା ଆଖିବୁଜି ହଁ ଭରିଥିଲେ। ଏ ନେଇ ସେ କହନ୍ତି, 'ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ଜଣେ ଯୁବତୀର ସଂଘର୍ଷମୟ ଜୀବନକୁ ନେଇ ଏହାର କାହାଣୀ ଗତିଶୀଳ। ଫିଲ୍ମର କାହାଣୀ ଏବଂ ସେଥିରେ ମୋ ଭୂମିକା ବିଷୟରେ ଜାଣିବା ପରେ ଏଭଳି ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲି। ଏହି ରୋଲ୍ ମୋ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ଏହାବ୍ୟତୀତ ମୋ ହାତରେ ଏବେ ୩-୪ଟି ଅଫର ରହିଛି। ସେ ବିଷୟରେ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବି। ମୁଁ ଜାଣିଛି ଆକ୍ଟିଂ ଲାଇନ୍‌ରେ ତରବର ହେଲେ କୌଣସି ଫାଇଦା ହୋଇ ନ ଥାଏ।' ତେବେ ଏସବୁ ଫିଲ୍ମ ତାରାଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ରିଲିଜ ହେଲେ ହିଁ ଜଣାପଡ଼ିବ।



ଗୋବିନ୍ଦା

# ଯଦି ରାଜି ହୋଇଥାଆନ୍ତେ..

ବଲିଉଡ୍‌ରେ ଗୋବିନ୍ଦା ନିଜକୁ ଜଣେ ସଫଳ ଅଭିନେତା ଭାବରେ ପରିଚିତ କରାଇ ପାରିଛନ୍ତି। ପିଲାଟି ଦିନରୁ ତାଙ୍କର ଅଭିନୟ ପ୍ରତି ଏତେ ଆଗ୍ରହ ଥିଲା ଯେ ସେ ରାଜଶ୍ରୀ ଷ୍ଟୁଡିଓରେ ଅନେକ ଥର ଅଡିସନ ଦେବାକୁ ଯାଇଥିଲେ। ହେଲେ ସେତେବେଳେ ତାଙ୍କୁ ବୟସ ହୋଇଥିଲା ମାତ୍ର ୧୫ବର୍ଷ। ତେଣୁ ଏତେ କମ୍ ବୟସରୁ ତାଙ୍କୁ ସିଲେକ୍‌ସନ କରିବାକୁ ଏହି ବ୍ୟାନର ରାଜି ହୋଇ ନ ଥିଲା। ତେବେ ଇଣ୍ଡଷ୍ଟ୍ରୀରେ ପ୍ରବେଶ କରିବା ପରେ ସେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ହେଲେ ନିଜ ବଲିଉଡ୍ କ୍ୟାରିୟର ଭିତରେ ସେ କେତୋଟି ସୁବର୍ଣ୍ଣ ସୁଯୋଗକୁ ବି ହାତଛଡ଼ା କରିଥିଲେ। ଅନିଲ ଶର୍ମା ବ୍ଲକ୍ ବଷ୍ଟର 'ଗଦ୍ଦର-ଏକ ପ୍ରେମ କଥା'ର ନାୟକ ଭାବରେ ପ୍ରଥମେ ଗୋବିନ୍ଦାଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ ଡେଟ୍ ସମସ୍ୟା ପାଇଁ ସେ ମନା କରିଦେଇଥିଲେ। ତା'ପରେ ସୁବାସ ଘାଇଙ୍କ 'ତାଲ୍' ଏବଂ ସଞ୍ଜୟଲୀଲା ଭଁସାଲିଙ୍କ 'ଦେବଦାସ'ରେ ଅଭିନୟ କରିବାକୁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ ଏପରି ସୁଯୋଗକୁ ସେ ହାତଛଡ଼ା କରିଥିଲେ। ବାଣିଜ୍ୟରେ ଡିଗ୍ରୀ ହାସଲ କରିଛନ୍ତି ଗୋବିନ୍ଦା।



ତୃପ୍ତି

# ସ୍ଲିମ୍ ଟ୍ରିମ୍ ଲକ୍ଷ୍ୟରେ ତୃପ୍ତି

ତୃପ୍ତି ଖାମକର୍‌ଙ୍କର ଏବେ ଗୋଟିଏ ଲକ୍ଷ୍ୟ। କେମିତି ନିଜ ଓଜନ କମାଇବେ। ସେ ନେଇ ଯୋଜନା ପ୍ରସ୍ତୁତ କରିସାରିଲେଣି। 'ତୁହ୍ମାରି ସୁଲୁ' ସିନା ଫ୍ଲପ୍ ହେଲା, ହେଲେ ନୂଆ ସିନେମା 'ଗୋବିନ୍ଦା ନାମ୍ ମେରା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏହି ଫିଲ୍ମରେ ସେ ଭିକି କୌଶଲଙ୍କ ନାୟିକା ସାଜୁଛନ୍ତି। ଏ ନେଇ ତୃପ୍ତି କହନ୍ତି, 'ଏହି ଫିଲ୍ମରେ ମୁଁ ଭିକିଙ୍କ ସହ ଆକ୍ଟିଂ କରିବି। ଏଥିରେ ମୋ ଭୂମିକା ପାଇଁ ମୋତେ ସ୍ଲିମ୍ ହେବାକୁ ପଡ଼ିବ। ତେଣୁ ପ୍ରତିଦିନ ଦୁଇ ଥର ଜିମ୍ ଯାଉଛି। ଆଶା ରଖିଛି, ସୀମିତ ସମୟ ଭିତରେ ଏହି ମିଶନରେ ମୁଁ ସକ୍‌ସେସ ହେବି।' ଫିଲ୍ମଟିର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ଶଶାଙ୍କ ଖୈତାନ।




ଦୀପକ-ପ୍ରାଚୀ

# ଦୀପକଙ୍କ ନୂଆ ଯୋଜନା

ଅଭିନେତା ଦୀପକଙ୍କ ଖୁସି କହିଲେ ନ ସରେ। କାରଣ ହୋମ୍ ବ୍ୟାନର ତନୁଜା ସିନେ କ୍ରିଏସନ୍ସରେ ନିର୍ମିତ 'ପଲ୍ ପଲ୍ ତତେ ଚାହେଁ' ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ପ୍ରଯୋଜନା କ୍ଷେତ୍ରରେ ପ୍ରଥମ ଥର ପାଇଁ ପାଦ ଦେଇ ଏପରି ସଫଳତା ଅର୍ଜନ କରିବା ପରେ ସେ ଆଉ ଏକ ନୂଆ ସିନେମା ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏ ବିଷୟରେ ଦୀପକ କହନ୍ତି, 'ଯେତେବେଳେ ମୁଁ ପ୍ରଯୋଜନା କରିଥିବା ପ୍ରଥମ ସିନେମାର କାହାଣୀ ଚୟନ କଲି ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଏପରି କାହାଣୀକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ। କୋଭିଡ୍ ପାଇଁ ଫିଲ୍ମଟିର ରିଲିଜ ଡେରି ହୋଇଥିଲା। ବର୍ତ୍ତମାନ ମୁଁ ହୋମ୍ ବ୍ୟାନରରେ ଆଉ ଏକ ସିନେମା ନିର୍ମାଣ କରିବାକୁ ଯୋଜନା କରୁଛି। ସେ ନେଇ ଏକ ଦମଦାର ଲଭ୍ ଷ୍ଟୋରି ସନ୍ଧାନରେ ଅଛି। କାରଣ କାହାଣୀଟି ସରସ ସୁନ୍ଦର ହେଲେ ହିଁ ତାକୁ ଆଧାର କରି ନିର୍ମିତ ସିନେମା ଭଲ ବିଜନେସ କରିବ। 'ପଲ୍ ପଲ୍ ତତେ ଚାହେଁ'ରେ ମୋ ଅପୋଜିଟ୍‌ରେ ନବାଗତା ପ୍ରାଚୀ ଚୌଧୁରୀ ବେଶ୍ ସୁନ୍ଦର ଅଭିନୟ କରିଛନ୍ତି।' ବର୍ତ୍ତମାନ ଦୀପକଙ୍କ ଅଭିନୀତ 'ଏଇ ବୋଧେ ଭଲ ପାଇବା' ଏବଂ 'ଧଡକନ୍‌ରେ ତୁ' ରିଲିଜ ଅପେକ୍ଷାରେ ରହିଛି।

# ଦୋଛକିରେ ବାଣୀ

ବାଣୀ କପୁର ଏବେ ଦୋଛକିରେ ପଡ଼ିଯାଇଛନ୍ତି। ଉଭୟ ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଜାଣିବା ପରେ ବେଶ୍ ଖୁସି ହୋଇଯାଇଥିଲେ। ହେଲେ ତାହା ଯେ ଟେନ୍‌ସନ୍‌କୁ ଡାକି ଆଣିବ ତାହା ସେ କେବେ କଳ୍ପନା କରି ନ ଥିଲେ। କାରଣ ଏହି ନୂଆ ସିନେମାରେ ସଂଯୋଜିତ ହେବାକୁ ଥିବା କେତୋଟି ଦୃଶ୍ୟକୁ ନେଇ ଅଡୁଆରେ ପଡ଼ିଛନ୍ତି ସେ। ଏହି ଫିଲ୍ମରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ପୁଣି ସେଥିରେ ଏକ କ୍ଲୋଜ ବେଡ୍‌ରୁମ୍ ସିନ୍ ରହିଛି। ଏକଥା ଜାଣିବା ପରେ ବାଣୀ ଅଫରଟିକୁ ହଁ ଭରିବେ ନା ହାତଛଡ଼ା କରିବେ ଜାଣିପାରୁନାହାନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ମୁଁ କାହାଣୀ ଶୁଣିଥିଲି ସେତେବେଳେ ଏପରି ବିଷୟରେ କିଛି ଜାଣି ନ ଥିଲି। ପରବର୍ତ୍ତୀ ସମୟରେ କାହାଣୀକୁ ବଦଳାଇ ସେଥିରେ ଏପରି ଦୃଶ୍ୟକୁ ଯୋଡ଼ାଯାଇଛି। ହେଲେ ଏଭଳି ଶଟ୍ ମୋତେ ଦୋଛକିରେ ପକାଇ ଦେଇଛି। ତଥାପି ଏ ନେଇ ନିଷ୍ପତ୍ତି ନେବାକୁ ପ୍ରଯୋଜକଙ୍କୁ ଦୁଇ ସପ୍ତାହ ସମୟ ମାଗିଛି ଏବଂ ସେଥିରେ ସେମାନେ ରାଜି ଅଛନ୍ତି। ହେଲେ ମୋ ମତରେ ଯଦି ଏପରି ଦୃଶ୍ୟକୁ ବାଦ୍ ଦିଆଯାଆନ୍ତା ତେବେ ଭଲ ହୁଅନ୍ତା। ତେବେ ଯାହା ହେଲେ ବି ମୋତେ ଏ ନେଇ ଶୀଘ୍ର ନିଷ୍ପତ୍ତି ନେବାକୁ ପଡିବ।' ବାଣୀ ଅଭିନୟ କରିଥିବା ସିନେମାଗୁଡିକ ମଧ୍ୟରେ ରହିଛି, 'ଶୁଦ୍ଧ ଦେଶୀ ରୋମାନ୍ସ', 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ', 'ଚଣ୍ଡିଗଡ କରେ ଆସୀକୀ' ଏବଂ 'ଆହା କଲ୍ୟାନମ୍' (ତେଲୁଗୁ)।



ବାଣୀ

# ଚାରିଶହରୁ ଜଣେ

ମହେଶ ତନୟା ଆଲିୟା ଭଟ୍ଟ ବଲିଉଡ୍‌ରେ ଜଣେ ଶିଶୁ କଳାକାର ଭାବରେ ଏଣ୍ଟ୍ରି କରିଥିଲେ। 'ସଂଘର୍ଷ' ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଦେଖିବାକୁ ମିଳିଥିଲେ। ସେତେବେଳେ ତାଙ୍କର ବୟସ ଥିଲା ମାତ୍ର ୬ ବର୍ଷ। ୧୯୯୯ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମରେ ଅକ୍ଷୟ କୁମାର, ଆଶୁତୋଷ ରାଣା ମଧ୍ୟ ଅଭିନୟ କରିଥିଲେ ଏବଂ ଚିତ୍ରଟି ହିଟ୍ ସାବ୍ୟସ୍ତ ହୋଇଥିଲା। ନାୟିକା ଭାବରେ ଆଲିୟାଙ୍କୁ ବ୍ରେକ୍ ମିଳିଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦି ଇୟର'ରୁ। ହେଲେ ଏହି ଫିମେଲ୍ ଲିଡ୍ ପାଇଁ ଯେଉଁ ଅଡିସନ ହୋଇଥିଲା, ସେଥିରେ ଆଲିୟାଙ୍କ ସହ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ବାଜି ମାରି ନେଇଥିଲେ ଆଲିୟା। ରିଲିଜ୍ ଅପେକ୍ଷାରେ ଥିବା ସଞ୍ଜୟ ଲୀଲା ଭଁସାଲିଙ୍କ 'ଗଙ୍ଗୁବାଈ କାଠିଆୱାଡି'ର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସେ ।



ଆଲିୟା

## ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କାକୁ ବାରମ୍ବାର ଗଣୁଥିଲି



କବି, ପୁସ୍ତକାର ତଥା ଉନ୍ନୟନମୁଖୀ ଯୋଗାଯୋଗ ପେଶାଦାର **ପରଂବ୍ରହ୍ମ ତ୍ରିପାଠୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଜ**ଗତ୍‌ସିଂହପୁର ଜିଲା ନାଉଗାଁ ହାଟରେ ମୋ ଜନ୍ମ। ପିଲାଟି ଦିନରୁ ପାଠପଢ଼ା ସହିତ ଡିବେଟ୍‌ରେ ବି ମୁଁ ଖୁବ୍ ଭଲ ଥିଲି। ଏପରିକି ଦଶମରେ ରାଜ୍ୟସ୍ତରରେ ଏକାଦଶ ସ୍ଥାନ ହାସଲ କରିଥିଲି। ଇଚ୍ଛା ଥିଲା ଡାକ୍ତରୀ ପଢ଼ିବାକୁ। କିନ୍ତୁ ଏଣ୍ଟ୍ରାନ୍ସରେ ଅକୃତକାର୍ଯ୍ୟ ହେବାରୁ ସାଇନ୍ସ ପଢ଼ା ଛାଡ଼ିଦେଇ ଅର୍ଥନୀତିରେ ଯୁକ୍ତ ୩ ଓ ପି.ଜି. କଲି। ଘରେ ଚାହୁଁଥିଲେ ଓଏଏସ୍ ପାଇଁ ପ୍ରିପେୟାର୍ ହେବାକୁ, କିନ୍ତୁ ମୋର ଇଚ୍ଛା ହେଲା ଜର୍ନାଲିଜମ୍ କରିବାକୁ। ଢେଙ୍କାନାଳ ଆଇଆଇଏମ୍‌ସିରେ ଜର୍ନାଲିଜମ୍ କରି ୨୦୦୫ ବ୍ୟାଚ୍ ଟପ୍ପର ହେଲି। କିନ୍ତୁ ଦୁର୍ଭାଗ୍ୟ ଆମ ବ୍ୟାଚ୍‌ରେ ପଢୁଥିବା ସବୁ ପିଲାଙ୍କୁ ବିଭିନ୍ନ ମିଡିଆ ସେକ୍ଟରରେ ଚାକିରି ମିଳିଗଲା, କେବଳ ମୋତେ ଛାଡ଼ିକି। ଆଉ ୨୦୦୬ ଫେବୃୟାରୀରେ ଶୁଣିବାକୁ ପାଇଲି ଯେ ନୂଆକରି ଏକ ଦୈନିକ ଖବରକାଗଜ ମାର୍କେଟ୍‌କୁ ଆସୁଛି। ସେମାନେ ସାମ୍ବାଦିକ ଆବଶ୍ୟକ କରୁଛନ୍ତି, ସେ ପୁଣି ମାସକୁ ଦଶ ହଜାର ଟଙ୍କା ଦରମାରେ। କିନ୍ତୁ ଏକଥା ମୋତେ ଜୋକ୍ ଭଳି ଲାଗିଲା। କାରଣ ସେ ସମୟରେ ନୂଆ କରି ସାମ୍ବାଦିକତା ଯେଉଁମାନେ କରୁଥିଲେ, ସେମାନଙ୍କର ଦରମା ପ୍ରାୟ ହଜାରରୁ ଦୁଇ ହଜାର ଭିତରେ ରହୁଥିଲା। ତଥାପି ମନକୁ ବୁଝାଇ ଇଣ୍ଟରଭ୍ୟୁ ଦେଲି, ଆଉ ଚାକିରି ବି ପାଇଗଲି। ଯେହେତୁ ଫେବୃୟାରୀ ୧୪ରେ ଚାକିରିରେ ଜଏନ୍ କରିଥିଲି; ଭାବିଥିଲି ମାର୍ଚ୍ଚ ଶେଷ ବେଳକୁ ମୋତେ ଦରମା ମିଳିବ। କିନ୍ତୁ ଆଶ୍ଚର୍ଯ୍ୟ ଠିକ୍ ମାର୍ଚ୍ଚ ୧୪ ତାରିଖ ଦିନ ସନ୍ଧ୍ୟାବେଳକୁ ଆକାଉଣ୍ଟ ସେକ୍ସନରୁ ଖବର ଆସିଲା ଦରମା ନେଇଯିବାକୁ। ମୋର ଜମାରୁ ବିଶ୍ୱାସ ହେଉ ନ ଥାଏ। ସେଠି ମୋ ହାତକୁ ୨୦ଟି ପାଞ୍ଚଶହ ଟଙ୍କିଆ ନୋଟ୍ ବଢ଼ାଇ ଦିଆଗଲା ଆଉ ରେଜିଷ୍ଟର୍‌ରେ ସାଇନ୍ କରିବାକୁ କୁହାଗଲା। ସାଇନ୍ କରି ଟଙ୍କା ଧରି ଆସିଥାଏ ସତ କିନ୍ତୁ ମନ ମୋର ଆଦୌ ବୁଝୁ ନଥାଏ। ଭାବୁଥାଏ, ସାଇନ୍ କରି ତ ନେଇଗଲେ ଯଦି ପରେ ପୁଣି କହିବେ ଟଙ୍କାଟି ଫେରେଇ ଦେଇଯାଅ, ତା'ହେଲେ! କିନ୍ତୁ ସେମିତି କିଛି ଘଟଣା ନ ଘଟିବାରୁ କାମସାରି ଘରକୁ ବାହାରିଲି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ସେଦିନ ଏତେ ଟଙ୍କା ମୋ ପାଖରେ ଥାଇ ବି ମୁଁ ଜଣଙ୍କଠାରୁ ଶହେ ଟଙ୍କା ଧାର କରି ପେଟ୍ରୋଲ୍ ପକାଇ ଘରକୁ ଗଲି ପଛେ ସେଥିରୁ ଟଙ୍କାଟିଏ ବି ଖର୍ଚ୍ଚ କଲିନାହିଁ। ଏପରିକି ବାଟରେ ଗଲାବେଳେ ୩/୪ ଜାଗାରେ ଅଟକି ପୁଣି ଟଙ୍କାକୁ ଗଣିଥିଲି; ଯେଉଁଥିପାଇଁ ଘରେ ପହଞ୍ଚିବାକୁ ଡେରି ହୋଇଗଲା। ଘରେ ବ୍ୟସ୍ତ ହେଉଥାନ୍ତି। ଆଗେ ପହଞ୍ଚି ଟଙ୍କାଟିକୁ ପକେଟ୍‌ରୁ କାଢ଼ି ବାପାଙ୍କ ହାତରେ ଦେଲି। ସେଦିନ ଘରେ ଗୋଟେ ଖୁସିର ମାହୋଲ ଖେଳି ଯାଇଥିଲା। ପାଖାପାଖି ୮ମାସ ସେହି ସଂସ୍ଥାରେ କାମ କରିବା ପରେ ମୁଁ ଦିଲ୍ଲୀ ଚାଲିଗଲି, ଆଉ ସେଠି ସାଇନପ୍ସ ଆଡ୍ ଏଜେନ୍ସିରେ କଣ୍ଟେଣ୍ଟ ରାଇଟର୍ ଭାବେ କାମ କଲି। ୪ବର୍ଷ ସେଠାରେ କାମ କରିବା ଭିତରେ କ୍ରମେ ପ୍ରମୋଶନ ପାଇ ସିନିୟର୍ କଣ୍ଟେଣ୍ଟ ମ୍ୟାନେଜର୍ ହେଲି। ତା'ପରେ ବିବିସି ୱାର୍ଲ୍ଡ ସର୍ଭିସ୍ ଟ୍ରଷ୍ଟରେ ଜଏନ୍ କରି ସେଠି ବି ବେଶ୍ କିଛିଦିନ କାମ କଲି। ଶେଷରେ ସିନିୟର୍ କଣ୍ଟେଣ୍ଟ ଡେଭ୍‌ଲପର୍ ଭାବେ ପ୍ରମୋଶନ ପାଇ ସେ ଚାକିରିକୁ ମଧ୍ୟ ଛାଡ଼ିଦେଲି। ଆଉ ଏବେ ମୁଁ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଚିକାଗୋ ୟୁନିଭର୍ସିଟି ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା 'ଓଡ଼ିଶା ଷ୍ଟାର୍ ରେଟିଂ ପ୍ରୋଗାମ୍'ର କମ୍ୟୁନିକେଶନ୍ କୋ-ଅର୍ଡିନେଟର୍ ଭାବେ କାମ କରୁଛି। ଏହାବ୍ୟତୀତ ଲେଖାଲେଖି ବି ମୋର ଜାରି ରହିଛି। ଯା'ଭିତରେ ଗୋଟିଏ କବିତା ସଂକଳନ ଓ ୪ଟି ପ୍ରବନ୍ଧ ସଂକଳନ ପ୍ରକାଶିତ ହୋଇସାରିଲାଣି। ତା'ସହିତ ୨୦୧୨ରୁ ମୋ ଲିଖିତ ଆର୍ଟିକିଲ୍‌ଗୁଡ଼ିକ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଆସୁଛି।

**-ଅମ୍ବିତା**

# ମନରେ ରହିଛି ମନର କଥା, ଭାବନାରେ ଘୂରି ଯାଉଛି ମଥା

**ପ୍ରଶ୍ନ**-ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ତା' କଥା ଭାବି ଭାବି ମୋ ଦିନ ବିତିଯାଉଛି। କ'ଣ କରିବି ?

*-କମଳ ଦାସ, ଯାଜପୁର*

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାହାର ଠିକଣା ବୋଧହୁଏ ଜାଣିନାହାନ୍ତି। ଏପରି ଅନାମିକା ନାୟିକା ପାଇଁ ଆପଣ ପାଗଳ। ଆପଣଙ୍କ ମନ ଭିତରେ ଉଦ୍‌ବେଳିତ ହେଉଥିବା କଥାଗୁଡ଼ିକ ସେହି ମନ ଭିତରେ ଚାପି ହୋଇରହିଛି। 'ମନରେ ରହିଛି ମନର କଥା, ଭାବନାରେ ଘୂରି ଯାଉଛି ମଥା।' ଯଦି ସମ୍ଭବ ତେବେ ତାହାର ଠିକଣା ପାଇବାକୁ ଚେଷ୍ଟା କରନ୍ତୁ। ଯଦି କେବେ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଓଗାଳି ପକାନ୍ତୁ। ଯଦି ସେହି କଥା ସୁନ୍ଦରୀ ମନକୁ ଛୁଇଁ ପାରିଲା, ତେବେ ଧରିନିଅନ୍ତୁ, ଯାହାକୁ ନେଇ ଆପଣ ଟେନସନରେ ତାହା ହୁଏତ ଦୂର ହୋଇଯିବ।

**ପ୍ରଶ୍ନ**-ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ତେବେ ସେ ତାକୁ ଗ୍ରହଣ କରିବ କି ?

*-ତନ୍ମୟ ରାଉତ, କେନ୍ଦ୍ରାପଡ଼ା*

**ଉତ୍ତର:** 'ସ୍ୱପ୍ନ ସୁନ୍ଦରୀ କନକ ଗୋରୀ, ତା' ଚାହାଣି କରିଛି ମନକୁ ଚୋରି।' ତାହାର ସେହି ଚାହାଣିରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚିରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡ଼ିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**-ଜଣକ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*-ସୁକାନ୍ତ ନାୟକ, ଢେଙ୍କାନାଳ*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡ଼ି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ୍‌ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡ଼ି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**-ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*-ତପନ କୁମାର, କୋରାପୁଟ*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। କଥାରେ ଅଛି-ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**-ମୋ ପ୍ରେମିକା ମୋ ସହ ନଖରାମି କରିବାକୁ ଭଲ ପାଏ। ଏହାଦ୍ୱାରା ଆମର ପ୍ରେମ ପ୍ରଭାବିତ ହେବନି ତ ?

*-ଶ୍ରୀକାନ୍ତ, ପୁରୀ*

**ଉତ୍ତର:** ବେଳେବେଳେ ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକେ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲୁକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।



# ଧାନ କଳାକୃତି

ବିଭିନ୍ନ ପାରମ୍ପରିକ ହସ୍ତଶିଳ୍ପ କଳା କାରିଗରିର ଭିନ୍ନଭିନ୍ନ ପରିଚୟ ରହିଛି। ଠିକ୍ ଯେମିତି ଧାନ ଓ ଅନ୍ୟ ଶସ୍ୟକୁ ନେଇ ହେଉଥିବା କଳା କାରିଗରୀ। ଶିଳ୍ପୀଙ୍କ ଯାଦୁକରୀ ହସ୍ତର ସ୍ପର୍ଶରେ ଛୋଟ ଛୋଟ ଶସ୍ୟ ସୁନ୍ଦର କଳାକୃତୀର ରୂପ ନେଇଥାଏ। ଆଉ ଏହି କଳା କାରିଗରିକୁ ନିଜ ରୋଜଗାରର ମାଧ୍ୟମ କରିଛନ୍ତି କେତେକ ମହିଳା କାରିଗର। କଟକ ଜିଲାର ନିଆଳି ବ୍ଲକ ଅନ୍ତର୍ଗତ ଏରଞ୍ଚ ଗାଁର ବାସିନ୍ଦା ବେଣୁଧର ମହାପାତ୍ରଙ୍କ ପତ୍ନୀ ସୌଦାମିନୀ ମହାପାତ୍ର କୁହନ୍ତି, 'ନିଜ ବାପଘରେ ଧାନରେ ତିଆରି କେତେକ କଳାକୃତି ଶିଖିଥିଲି। ତେବେ ଶାଶୁଘର ଆସିଲା ପରେ ବଳକା ସମୟକୁ ନଷ୍ଟ ନ କରି ପ୍ରଥମେ ନିଜସ୍ୱ ଉଦ୍ୟମରେ କେତେକ ମାଟିର ଦେବଦେବୀଙ୍କ ପ୍ରତିମୂର୍ତ୍ତି ଓ ମୁଖା ଉପରେ ସରୁସରୁ ଧାନକୁ ଫେଭିକଲ ଅଠାରେ ଛାପି ସୁନ୍ଦର ସୁନ୍ଦର କଳାକୃତି ତିଆରି କଲି। ପରେ ଏକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନକରି ପ୍ରାୟ ୨୦ଜଣ ସଦସ୍ୟାଙ୍କୁ ଏହି ହସ୍ତକଳାର ତାଲିମ ଦେଲି। ଆଜକୁ ପ୍ରାୟ ୧୦ବର୍ଷରୁ ଉର୍ଦ୍ଧ୍ୱ ଏହି କଳାକାରିଗରି କାମ ଚାଲିଛି। ଏଥିପାଇଁ ବିଭିନ୍ନ ସରୁସରୁ ଧାନ, ପେଡ଼ିଟିନରଙ୍ଗ, ଧାନ ବିଶୋଧନ ପାଇଁ ଏକପ୍ରକାର କେମିକାଲ, ସୋଲ, ବିଭିନ୍ନ ରଙ୍ଗର ଭେଲ୍‌ଭେଟ କନା,ରଙ୍ଗିନ ଲେସ, ସେଲୋ ଟେପ, କାଚ, ପ୍ଲାଇଉଡ, ଫେଭିକଲ ଅଠା





ଆଦି କଞ୍ଚାମାଲକୁ ସଂଗ୍ରହ କରିବାକୁ ପଡ଼ିଥାଏ। ବିଶେଷକରି ମାଟିର ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, ତାରିଣୀ ଆଦି ବିଭିନ୍ନ ଦେବଦେବୀଙ୍କ ସହ ସାଇବାବାଙ୍କ ମୂର୍ତ୍ତିରେ ଧାନର ସୁସଜ୍ଜିତ କଳାକୃତି ପାଇଁ ପ୍ରଥମେ ପ୍ଲାଇଉଡ଼କୁ ମୂର୍ତ୍ତିର ସାଇଜ ଅନୁସାରେ କଟାଯାଇଥାଏ। ଫେଭିକଲ ଦେଇ ଭେଲଭେଟ କନାକୁ ଲଗାଯାଇଥାଏ। ତା'ଉପରେ ଆବଶ୍ୟକ ମନେକରୁଥିବା ମାଟିର ମୂର୍ତ୍ତି ଅଠାଦେଇ ଲଗାଯାଇଥାଏ।



ତା'ପରେ ଡ୍ରଇଂ ପେପର୍‌କୁ ମୂର୍ତ୍ତିର କିରିଟ ପାଇଁ ଲଗାଯାଇଥାଏ। ଆବଶ୍ୟକସ୍ଥଳେ ରଙ୍ଗିନ ଲେସ୍, କାଚ, ରଙ୍ଗିନ କାଗଜକୁ ଅଠାଦ୍ୱାରା ଲଗାଯାଇଥାଏ। ଏହାପରେ ରଙ୍ଗିନ ସୂତାକୁ ସାଇଜକରି ରଖାଯାଇ ଟୁଇଜରରେ ଗୋଟିଗୋଟି କରି ସରୁସରୁ ଧାନକୁ ଅଠାଦେଇ ମୂର୍ତ୍ତି ଉପରେ ସୁସଜ୍ଜିତ କରାଯାଇଥାଏ। ଏମିତିଭାବେ କଳାକୃତି ପ୍ରସ୍ତୁତ ହୋଇଯିବା ପରେ କିଛି ସମୟ ପାଇଁ ଅଳ୍ପ ଖରାରେ ଶୁଖାଯାଇଥାଏ। ତା'ପରେ ଧାନରେ ସୁସଜ୍ଜିତ ବିଭିନ୍ନ ଦେବଦେବୀଙ୍କ କଳାକୃତି ବିଭିନ୍ନ ଉତ୍ସବରେ ବିକ୍ରି ପାଇଁ ନିଆଯାଇଥାଏ। ଗୋଟିଏ ଗୋଟିଏ କଳାକୃତିକୁ ପ୍ରାୟ ୬୦ଟଙ୍କାରୁ ଆରମ୍ଭକରି ୨ହଜାରଟଙ୍କା ମୂଲ୍ୟରେ ବିକ୍ରି କରାଯାଇଥାଏ। ଏହି କଳାକୃତିରୁ ଗାଁର ମହିଳାଗୋଷ୍ଠୀ ବାର୍ଷିକ ପ୍ରାୟ୨ଲକ୍ଷ ଟଙ୍କାର ଲାଭବାନ ହୋଇଥାନ୍ତି ।

# ବୁଲା ଜୀବଜନ୍ତୁଙ୍କ ମା'



ବୁଲା କୁକୁରଙ୍କଠାରୁ ଆରମ୍ଭକରି ମାଙ୍କଡ଼ଙ୍କ ପର୍ଯ୍ୟନ୍ତ ତାଙ୍କ ଆସିବାକୁ ଅପେକ୍ଷା କରିଥାନ୍ତି। କେତେବେଳେ ଆସିବେ ଓ ସେମାନଙ୍କୁ ଖାଇବାକୁ ଦେବେ। ବାହାରେ ବୁଲୁଥିବା ଜୀବଜନ୍ତୁଙ୍କୁ ପ୍ରତିଦିନ କିଛି ନା କିଛି ଖାଦ୍ୟ ଖାଇବାକୁ ଦେବାରେ ଆନନ୍ଦ ପାଉଥିବା ଏହି ମହିଳା ହେଲେ ପୁଷ୍ପଲତା ମହାପାତ୍ର। ସେ କୁହନ୍ତି, ମୋ ବାପଘର କଟକ ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ରଜିବ ଗାଁରେ, ମାତ୍ର ଶାଶୁଘର କଳାପଥର ତଳସାହିରେ। କିନ୍ତୁ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ତୁଲାଉଛି। ପିଲାଦିନେ କାଉ, ବଣି ଓ ଗୋରୁଙ୍କୁ କିଛି କିଛି ଖାଦ୍ୟ ଦେଉଥିଲି। ଥରେ ଶାଶୁଘର ଛାତ ଉପରକୁ ଯାଇ ଦେଖିଲି ଗୋଟିଏ ମାଙ୍କଡ଼ ଚୁପ୍‌ଚାପ୍ ବସି ମୋ ଆଡ଼କୁ ବଲବଲ ହୋଇ ଅନାଉଥାଏ। ପ୍ରଥମେ ଟିକେ ଡର ଲାଗୁଥିଲା, ମାତ୍ର ତା'ପରେ ମନରେ ସାହସବାନ୍ଧି ଘରୁ ଗୋଟିଏ କଦଳୀ ଆଣି ସେଠାରେ ସେହି ମାଙ୍କଡ଼କୁ ଦେଇଥିଲି । ଏହା ପରଠାରୁ ଆଉ କେତୋଟି ମାଙ୍କଡ଼ ଆସିଲେ ତା'ପରଦିନ ଅଧିକ କିଛି ଫଳ ଆଣି ମାଙ୍କଡ଼ମାନଙ୍କୁ ଦେଇଥିଲି। ଏମିତି କିଛିଦିନ ଫଳ ଓ ବିସ୍କୁଟ ମାଙ୍କଡ଼ଙ୍କୁ ଦେବା ମୋର ନିତିଦିନିଆ ଅଭ୍ୟାସ ହୋଇଗଲା। ଏଥିଯୋଗୁ ମାଙ୍କଡ଼ଙ୍କୁ ଦେଖିଲେ ମତେ ଆଉ ଭୟ ଲାଗିଲା ନାହିଁ। ସେମାନଙ୍କୁ ଡାକିଲାମାତ୍ରେ ସେମାନେ ପାଖକୁ ଆସନ୍ତି। ଧୀରେ ଧୀରେ ସେମାନଙ୍କୁ ନିଜର କରିବାରେ ସିଦ୍ଧହସ୍ତ ହୋଇଗଲି। ଏପରି କି ଘରୁ ଯେତେବେଳେ ବିଦ୍ୟାଳୟକୁ ଯାଇଥାଏ ମୋ ବ୍ୟାଗରେ କିଛି ବିସ୍କୁଟ ଓ କେତୋଟି ପିଜୁଳି ରଖିଥାଏ। ତାହାକୁ ଯିବାଆସିବା ବାଟରେ ଯଦି ମାଙ୍କଡ଼ ତଥା ଅନ୍ୟ କୌଣସି ଜୀବଜନ୍ତୁଙ୍କୁ ଦେଖେ ସେଠାରେ ତାଙ୍କୁ ଖାଇବାକୁ ଦେଇଥାଏ। ଏବେ ପ୍ରତିଦିନ ଘର ଛାତକୁ ବହୁ ସଂଖ୍ୟାରେ ମାଙ୍କଡ଼ ଆସୁଛନ୍ତି। ସେମାନଙ୍କୁ ରାମୁ ନାମରେ ଡାକିଲେ ଯିଏ ଯେଉଁଠି ଥାନ୍ତି ଦୌଡ଼ି ଆସି ପାଖରେ ପହଞ୍ଚି ଯାଆନ୍ତି। ଏ ଦୃଶ୍ୟ ଦେଖିବା ପାଇଁ ଦେଖଣାହାରୀଙ୍କର ବେଶ୍ ଭିଡ଼ ଜମେ । ସେମାନେ ମୋ ପାଖରେ ବସନ୍ତି, ଖେଳନ୍ତି, ହାତରୁ ବାଦାମ, କଦଳୀ, ବିସ୍କୁଟ, ଚଣା ଆଦି ଖାଦ୍ୟନେଇ ଖାଆନ୍ତି। ଏମାନେ ଜଙ୍ଗଲୀ ଜୀବଜନ୍ତୁ ହେଲେ ମଧ୍ୟ ଗୋଟିଏ ପରିବାର ପରି ଚଳନ୍ତି। କେବଳ ମାଙ୍କଡ଼ କାହିଁକି ପାରା ଓ କାଉ ଆଦି ବିଭିନ୍ନ



ପକ୍ଷୀଙ୍କୁ ପ୍ରତିଦିନ ସକାଳୁ ସକାଳୁ ଖୁଦ, ସୋରିଷ, ଗହମ ଆଦି ଖାଦ୍ୟଶସ୍ୟ ଖାଇବାକୁ ଦେଇଥାଏ। ଏମାନଙ୍କ ସହିତ କିଛି ସମୟ ବିତାଇଲେ ମନଟା ଖୁବ୍ ଭଲ ଲାଗେ। ଏମାନଙ୍କ ପ୍ରତି ଆତ୍ମୀୟତା ବଢ଼ିଯାଇଛି। ସେଥିପାଇଁ କଦଳୀ, ବାଦାମ କିଣିଆଣି ରଖିଥାଏ। ଏବେ ପ୍ରତିଦିନ ସକାଳେ ଓ ଅପରାହ୍ଣରେ ପ୍ରାୟ ୩୦ରୁ ୫୦ସଂଖ୍ୟାରେ ମାଙ୍କଡ଼ ଆସୁଛନ୍ତି। ଏମିତିରେ ପ୍ରାୟ ୪ ବର୍ଷ ବିତିଗଲାଣି। ଜୀବଜନ୍ତୁଙ୍କ ପେଟକଥା ବୁଝିବା ବ୍ୟତିତ ଅନେକ ସମୟରେ ମୁଁ ଭଜନଜଣାଣ ମଧ୍ୟ ଗାଇଥାଏ। ଘରର ସମସ୍ତ କାମ ସାରି ବିଶ୍ରାମ ନେବା ପୂର୍ବରୁ ଲେଖାଲେଖି ବି କରେ। ଏମିତିରେ ଭକ୍ତିପୁଷ୍ପାଞ୍ଜଳି ନାମରେ ଏକପୁସ୍ତକ ପ୍ରକାଶିତ ହୋଇସାରିଛି। ସାହିତ୍ୟ ଓ ଜୀବଜନ୍ତୁଙ୍କ ସେବା ଯୋଗୁ କେତେକ ଅନୁଷ୍ଠାନରୁ ପୁରସ୍କୃତ ହୋଇଛି। ଏହି କାର୍ଯ୍ୟରେ ମୋ ପରିବାରର ସହଯୋଗ ମୋତେ ଉତ୍ସାହିତ କରିଥାଏ।



ସ୍ନିଗ୍ଧା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଦେବ ଓ ପତିଦେବ

ମୀନା ରଜନୀକୁ: ଦେବ ଓ ପତିଦେବ ମଧ୍ୟରେ ଫରକ କ'ଣ ?
ରଜନୀ: ଦେବଙ୍କୁ ଆମେ ସୁଖକର୍ତ୍ତା, ଦୁଃଖହର୍ତ୍ତା କହୁ।
ମୀନା: ଆଉ ପତିଦେବଙ୍କୁ ?
ରଜନୀ: ପତିଦେବଙ୍କୁ କହୁ, 'ଐସା କର୍‌ତା, ୱୈସା କରତା, ୟେ ନହିଁ କରତା, ୱହ ନହିଁ କରତା।'..

### ଗିଫ୍ଟ


ଗୋପୀ ରାଜୁକୁ: ମୁଁ ମୋ ଗର୍ଲଫେଣ୍ଡକୁ ଗିଫ୍ଟ ଦେବାକୁ ଚାହୁଁଛି। କ'ଣ ଦେବି ?
ରାଜୁ: ସୁନା ମୁଦି ଦଉନୁ।
ଗୋପୀ: ନାଁ, ଆଉ କିଛି ବଡ଼ ଗିଫ୍ଟର ଆଇଡିଆ ଦେ।
ରାଜୁ: ଗୋଟେ କାମ କର ଏମ୍ଆର୍‌ଏଫ୍ ଟାୟର ଦେଇ ଦେ।

### ତିନି ଥର

ଜଜ୍ ଚୋରକୁ: ତୁମେ ଗୋଟିଏ ଦୋକାନରେ ତିନି ଥର କାହିଁକି ଚୋରି କଲ ?
ଚୋର: ଆଜ୍ଞା, ସେ ଦୋକାନରୁ ମୁଁ ପ୍ରଥମ ଦିନ ସ୍ତ୍ରୀ ପାଇଁ ଶାଢି ଚୋରି କରିଥିଲି। ଅନ୍ୟ ଦୁଇ ଦିନ ତ ଶାଢିର ରଙ୍ଗ ବଦଳାଇବାକୁ ଯାଇଥିଲି।

# କଳା ସଂସ୍କୃତିର ସହର କଡପା







**କଡପା ହେଉଛି ଆନ୍ଧ୍ରପ୍ରଦେଶସ୍ଥିତ ଏକ ଆକର୍ଷଣୀୟ ସହର। କଳା ଓ ସଂସ୍କୃତି ପ୍ରତି ସ୍ଥାନୀୟ ବାସିନ୍ଦାଙ୍କର ରହିଛି ଖୁବ୍ ଆଦର। ସେଥିପାଇଁ ଏଠାରେ ବର୍ଷସାରା ବିଭିନ୍ନ ପର୍ବପର୍ବାଣୀକୁ ଖୁବ୍ ଧୂମ୍‌ଧାମ୍‌ରେ ଲୋକେ ପାଳନ କରିଥାନ୍ତି। ତା'ଛଡ଼ା ପର୍ଯ୍ୟଟକଙ୍କ ଦେଖିବା ପାଇଁ ଏଠାରେ ରହିଛି ଅନେକ ପାହାଡ଼, ଆକର୍ଷଣୀୟ ନଦୀ ତଥା ଦୁର୍ଗ ଇତ୍ୟାଦି...**



ଆନ୍ଧ୍ରପ୍ରଦେଶର ଦକ୍ଷିଣମଧ୍ୟ ଭାଗରେ ଥିବା ଏକ ଆକର୍ଷଣୀୟ ସହର ହେଉଛି କଡପା। ଏହା ସ୍ଥାନୀୟ ରାୟଲସୀମା କ୍ଷେତ୍ର ଅଧିନରେ ଆସିଥାଏ। ପୂର୍ବେ ଏହା କୁଡ୍ଡପାହ ନାମରେ ଜଣାଯାଉଥିଲା। କିନ୍ତୁ କ୍ରମେ ଏହାର ନାମ ପରିବର୍ତ୍ତନ ହୋଇ କଡପା ହେଲା। ସେବେଠାରୁ ଏହା ଉକ୍ତ ନାମରେ ପରିଚିତ ହୋଇଆସୁଛି। ତେବେ ଏହି ସହରର ଏପରି ନାମକରଣ ତେଲୁଗୁ ଶବ୍ଦ 'ଗଡପା' ଅନୁସାରେ କରାଯାଇଛି, ଯାହାର ଅର୍ଥ ହେଉଛି ପ୍ରବେଶଦ୍ୱାର। ଅର୍ଥାତ୍ ଏହି ସହରକୁ ଏଭଳି ନାମ ଏଇଥିପାଇଁ ମିଳିଛି କାରଣ ଏହିଠାରୁ ହିଁ ପବିତ୍ର ପାହାଡ ତିରୁମାଲାକୁ ରାସ୍ତା ଆରମ୍ଭ ହେଉଛି। କେବଳ ତିରୁମାଲା ନୁହେଁ କଡପାରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଆହୁରି ଅନେକ ଆକର୍ଷଣୀୟ ଦର୍ଶନୀୟ ସ୍ଥାନ।



## କ'ଣ ଦେଖିବେ

ଭୌଗୋଳିକ ଦୃଷ୍ଟି କୋଣରୁ ଦେଖିଲେ କଡପାରେ ଅନେକ ପାହାଡମାନଙ୍କର ଶୋଭା ଦେଖିବାକୁ ମିଳିଥାଏ। ତା'ଛଡ଼ା ଏହି ସହରବାସୀ କଳା ଓ ସଂସ୍କୃତିକୁ ଖୁବ୍ ଭଲ ପାଇଥାନ୍ତି। ଶିଳ୍ପରମମ ହେଉଛି କଡପା ନିକଟସ୍ଥ ଏକ ଶିଳ୍ପ ଗ୍ରାମ। ପର୍ଯ୍ୟଟକ ଚାହିଁଲେ ଏହି ଗାଁକୁ ବୁଲିଯାଇ ବିଭିନ୍ନ ପ୍ରକାରର ଶିଳ୍ପ କାରୁକାର୍ଯ୍ୟକୁ ନିକଟରୁ ଦେଖିବାର, ଜାଣିବାର ସୁଯୋଗ ପାଇପାରିବେ। କେବଳ ସେତିକି ନୁହେଁ କଡପା ନିକଟ ଦେଇ ବୋହିଯାଉଛି ପେନ୍ନା ନାମକ ଏକ ନଦୀ। ଉକ୍ତ ନଦୀର ଅପୂର୍ବ ସୌନ୍ଦର୍ଯ୍ୟ ବି ପର୍ଯ୍ୟଟକଙ୍କୁ ବେଶ୍ ମୋହିତ କରିଥାଏ। ଅନ୍ୟପକ୍ଷେ ଏହି ସହରରେ କେତୋଟି ଦୁର୍ଗ ଥିବାର ମଧ୍ୟ ପର୍ଯ୍ୟଟକ ଦେଖିପାରିବେ।

## ଅର୍ଥନୀତି

ଏହି ସହର ନିଜର ଅର୍ଥନୀତି ପାଇଁ ପର୍ଯ୍ୟଟନ ଉପରେ ଯେତିକି ଗୁରୁତ୍ୱ ଦେଇଥାଏ, ଠିକ୍ ସେମିତି ଚାଷବାସ ଏବଂ ମାଇନିଂ ଉପରେ ମଧ୍ୟ ନିର୍ଭର କରିଥାଏ। ହରଡ଼ ଡାଲି, ଚଣା ଡାଲି, ତୁଳା, ଚିନାବାଦାମ ଇତ୍ୟାଦି ଏଠାରେ ଭଲ ଚାଷ ହୋଇଥାଏ। ତା'ଛଡ଼ା ଏହି ସହରର ଅଧିକାଂଶ ଲୋକେ ଭଲ ଭଲ ପଦବୀରେ ସରକାରୀ ଚାକିରି କରୁଥିବାର ମଧ୍ୟ ସୂଚନା ରହିଛି।

## ପ୍ରିୟ ଖାଦ୍ୟ

କଡପାବାସୀ ଚଟ୍‌ପଟା, ମସାଲାଦାର୍ ଖାଦ୍ୟ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି। କରମ୍ ଦୋସା, ରାଗି ମୁଦା, ରାଗି ସଙ୍ଗାତି, ବୋଟି କରି, ନାଟୁକୋଡ଼ି ଚିକେନ୍, ପାୟା କରି ଇତ୍ୟାଦି ହେଉଛି ଏଠାକାର କେତେକ ଲୋକପ୍ରିୟ ଖାଦ୍ୟ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଏଠାରେ ଦୋସା, ଇଡ୍‌ଲି, ସମ୍ବର, ଚଟଣୀ ଇତ୍ୟାଦିକୁ ବି ଜଳଖିଆରେ ଖାଇପାରିବେ।

## କେବେ ଓ କେମିତି ଯିବେ

କଡପାରେ ଖରାଦିନେ ପ୍ରବଳ ଗରମ କିନ୍ତୁ ଶୀତଦିନେ ହାଲ୍‌କା ଶୀତ ଅନୁଭୂତ ହୋଇଥାଏ। ଅନ୍ୟପକ୍ଷେ ବର୍ଷା ବି ଏଠାରେ ସାଧାରଣ ଭାବେ ହୋଇଥାଏ। ତେଣୁ ଏହିସବୁକୁ ଲକ୍ଷ୍ୟ କଲେ କଡପା ବୁଲିଯିବା ପାଇଁ ଶୀତଦିନ ହେଉଛି ସବୁଠୁ ଭଲ ସମୟ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ତିନୋଟି ମାର୍ଗର ଉତ୍ତମ ବ୍ୟବସ୍ଥା ରହିଛି। ତେବେ ଏହି ସହରର ନିଜସ୍ୱ ବିମାନବନ୍ଦର ମଧ୍ୟ ଅଛି। ତା'ଛଡ଼ା କଡପାର ନିକଟତମ ଆନ୍ତରାଷ୍ଟ୍ରୀୟ ବିମାନବନ୍ଦର ହେଉଛି ହାଇଦ୍ରାବାଦ୍। ସେହିପରି ପର୍ଯ୍ୟଟକ ଚାହିଁଲେ ଟ୍ରେନ୍ ଯୋଗେ ହେଉ ଅବା ଟୁରିଷ୍ଟ ବସ୍ ସାହାଯ୍ୟରେ ମଧ୍ୟ ଆରାମରେ ଯାଇ କଡପାରେ ପହଞ୍ଚିପାରିବେ।









# ବାର୍ବି ଡଲ୍‌ର ପୌରାଣିକ ଲୁକ୍



ଆମେରିକୀୟ କଣ୍ଢେଇ ବାର୍ବି ଡଲ୍‌ର ଚାହିଦା ସାରା ପୃଥିବୀରେ ରହିଛି। ସୁନେଲୀ ଚୁଟି, ଷ୍ଟାଇଲିସ୍ ପୋଷାକ ସାଙ୍ଗକୁ ଆକର୍ଷକ ମଡର୍ନ ଚେହେରା ଓ ଭାବଭଙ୍ଗୀ ଏହି କଣ୍ଢେଇକୁ ଖାସ୍ କରିଥାଏ। ଭାରତରେ ବି ଏହି କଣ୍ଢେଇର ଚାହିଦା ଢେର ରହିଛି। ତେବେ କେରଳର ୭୬ ବର୍ଷୀୟା ଏସ୍ ଦେବକୀ ନାମ୍ନୀ ଜଣେ ମହିଳା ଏହି ବିଦେଶୀ କଣ୍ଢେଇକୁ ଦେଶୀ ଲୁକ୍ ଦେଇ ଏବେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ସେ ବାର୍ବି ଡଲ୍‌କୁ କେବଳ ଯେ ଦେଶୀ ଲୁକ୍ ଦେଇଛନ୍ତି ତାହା ନୁହେଁ ବରଂ ଭାରତର ବିଭିନ୍ନ ପୌରାଣିକ କଥାବସ୍ତୁର ଚରିତ୍ରକୁ ବାର୍ବି ଡଲ୍ ମାଧ୍ୟମରେ ଉପସ୍ଥାପନ କରୁଛନ୍ତି। କେମିଷ୍ଟ୍ରୀରେ ସ୍ନାତକ କରିଥିବା ଦେବକୀ ବିବାହ ପରେ ଜଣେ ଗୃହିଣୀ ହୋଇ ନିଜ ସଂସାର ଚଳାଇବା ସହ ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଅବସର ସମୟରେ ଆର୍ଟ ଓ କ୍ରାଫ୍ଟ କରିବାକୁ ପସନ୍ଦ କରୁଥିଲେ। ପିଲାମାନେ ବଡ଼ ହୋଇ ବିବାହ କରିବା ପରେ ସେମାନଙ୍କ ପିଲାଙ୍କ ଦାୟିତ୍ୱ ବି ଦେବକୀ ବହନ କରିଥିଲେ। ତେଣୁ ତାଙ୍କୁ ବିଶେଷ ଖାଲି ସମୟ ମିଳୁ ନ ଥିଲା। ହେଲେ ଏବେ ନାତି ନାତୁଣୀ ବଡ଼ ହୋଇଗଲେଣି। ତେଣୁ କିଛିଟା ସମୟ ମିଳୁଛି। ଆଉ ଏଇ କୋଭିଡ୍ ସମୟରେ ତ ତାଙ୍କୁ ମିଳିଥିଲା ପ୍ରଚୁର ଅବସର ସମୟ। ଏହାର ସଦୁପଯୋଗ କରି ସେ ପ୍ରଥମେ ବାର୍ବି ଡଲ୍‌କୁ ଦେଶୀ ରୂପ ଦେବାକୁ ଚାହିଁଥିଲେ। ଆଉ କେରଳର ତିନିଟି ମୁଖ୍ୟ ଧର୍ମ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନର ବିବାହକୁ ବାର୍ବି ଡଲ୍‌ରେ ରୂପ ଦେଇଥିଲେ। ଏଥିପାଇଁ ସେ ଘରେ ଅନାବଶ୍ୟକଭାବେ ପଡି ରହିଥିବା ସାମଗ୍ରୀକୁ ଗହଣା ଓ ପୋଷାକଭାବେ ବ୍ୟବହାର କରି ବାର୍ବିକୁ ବିବାହ ବେଶରେ ସଜାଇଥିଲେ। ଖାଣ୍ଟି ଭାରତୀୟ ଲୁକ୍ ଦେବା ପାଇଁ ସେ କଣ୍ଢେଇଗୁଡ଼ିକର ସୁନେଲୀ କେଶକୁ କଳାରଙ୍ଗରେ ବି ରଙ୍ଗାଇଥିଲେ। ଏହାପରେ ସେ ରବି ବର୍ମାଙ୍କ ହଂସ ଦମୟନ୍ତୀ ପେଣ୍ଟିଂର ଦୃଶ୍ୟକୁ ବି ବାର୍ବି ଡଲ୍‌ରେ ଉପସ୍ଥାପନା କରିବା ଲାଗି ବାର୍ବିକୁ ଶାଢି ପିନ୍ଧାଇବା ସହ ସୁନ୍ଦରଭାବେ କେଶସଜ୍ଜା ଓ ଗହଣା ପିନ୍ଧାଇଥିଲେ। ଆଉ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ହଂସ ତିଆରି କରି ସେହି ଦୃଶ୍ୟକୁ ଗଢ଼ିଥିଲେ। ଏହାବାଦ ସେ ଋଷିକନ୍ୟା, ତପସ୍ୱିନୀ, ରାଣୀ, ରାଜକୁମାରୀ ବେଶରେ ବାର୍ବି ଡଲ୍‌ଗୁଡିକୁ ସଜାଇ ତାକୁ ବିଭିନ୍ନ ଭଙ୍ଗିରେ ରଖି ପୌରାଣିକ କଥାକୁ ଉପସ୍ଥାପନ କରୁଛନ୍ତି। ବାର୍ବିର ଏଭଳି ଲୁକ୍ ଯିଏବି ଦେଖୁଛନ୍ତି ବେଶ୍ ଖୁସି ହୋଇଯାଉଛନ୍ତି। ଆଉ ଘଡ଼ିଏ ଚାହିଁ ରହୁଛନ୍ତି। ତେବେ ସେ ଏହି କାର୍ଯ୍ୟ ବ୍ୟବସାୟ ଉଦ୍ଦେଶ୍ୟରେ କରୁ ନାହାନ୍ତି। ଏହାକୁ କରି ସେ ଆତ୍ମସନ୍ତୋଷ ପାଇଥାନ୍ତି।

## କାର୍ଟୁନ କର୍ନର



# ଅପରେଶନ ସକ୍ସେସ୍‌ଫୁଲ୍ ବଟ୍ ପେସେଣ୍ଟ ଡେଡ୍

ଓଁ ଅଭିଜ୍ଞାନ ସାହୁ

ରାଜରାସ୍ତା ଚଉଡ଼ା ପାଇଁ ଆମ ଗାଁ ମୁଣ୍ଡ ତାରିଣୀ ମନ୍ଦିର ଓ ତା' ସଂଲଗ୍ନ ଚଉତରାକୁ ମାଟିରେ ମିଶେଇ ସରକାର ଏବେ ସେଠାରେ ଏକ ସୁଦୃଶ୍ୟ ଭବ୍ୟ ପଥପ୍ରାନ୍ତ ସୁଲଭ ଶୌଚାଳୟଟିଏ ତିଆରି କରିଛନ୍ତି । ଏହି ଶୌଚାଳୟ ତିଆରି ହେଉଥିବା ସମୟରେ ଅନେକ ଥର ସେହି ବାଟ ଦେଇ ମୁଁ ଯାଇଛି । ଏକ ବଙ୍ଗଳାର ଭ୍ରମ ସୃଷ୍ଟି କରୁଥିବା ସେହି ଅର୍ଦ୍ଧନିର୍ମିତ ଘର ଯେତେବେଳେ ତିଆରି ସରି ନାମଫଳକ ଲାଗିଲା ସେତେବେଳେ ଜାଣିଲି ଏହା କୌଣସି ଡାକବଙ୍ଗଳା ନୁହେଁ ସୁଲଭ ଶୌଚାଳୟ । ପାଖରେ ଥିଲା ଏକ ବିରାଟ ବସ୍ତି ଓ ଜାତୀୟ ରାଜପଥ । ସହରର ଖାଲି ପଡ଼ିଆ ସବୁ କୋଠାବାଡ଼ିରେ ପୂର୍ଣ୍ଣ ହୋଇଗଲା ପରେ ବାସହୀନ ପାଇଁ ସବୁଠୁ ବଡ଼ ସମସ୍ୟା ହେଲା ନିତ୍ୟକର୍ମ ପାଇଁ ଜାଗା। ସେ ଯାହାହେଉ ଶୌଚାଳୟ ଏମାନଙ୍କ ଏହି ସମସ୍ୟା ଦୂର କରିବା ସହ ଅନେକ ପଥଚାରୀଙ୍କ ଆକସ୍ମିକ ଜରୁରୀ ଆବଶ୍ୟକତା ମଧ୍ୟ ପୂର୍ଣ୍ଣ କରିବ। ମଣିଷ ପଛେ ଫୁଟ୍‌ପାଥରେ ଶୋଉ କିନ୍ତୁ ନିତ୍ୟକର୍ମ ଯେ ଦାମୀ ମାର୍ବଲ ଓ ଟାଇଲ ଖଚିତ ଶୌଚାଳୟରେ କରୁଛି ତାହା ତା' ପାଇଁ ଏକ ସୁଖଦ ଆଶ୍ୱାସନା। ମୁହଁ ଅନ୍ଧାରରୁ ଉଠି ନିତ୍ୟକର୍ମ ପାଇଁ ଜାଗା ଖୋଜିବା ଅପେକ୍ଷା ସ୍ୱଳ୍ପ ମୂଲ୍ୟ ଦେଇ ବିତ୍ତବାନ୍‌ସମ ଶୌଚାଳୟରେ ଶୌଚ ହେବା ଗରିବ ଲୋକଟି ପାଇଁ ବିଳାସ ନୁହେଁ ତ ଆଉ କ'ଣ ! କିଛିଦିନ ପୂର୍ବେ ଥରେ ରିକ୍ସାରେ ଯାଉଥିବା ବେଳେ ଚାଳକ କହିଲା,'' ବାବୁ କି ଯୁଗ ହେଲାଣି କେଉଁଠି ଇଞ୍ଚେ ଖାଲି ଜାଗା ମିଳୁନି । ମଣିଷକୁ ଟିକେ ପରିସ୍ରା କରିବାକୁ ବି ଜାଗା ଛାଡୁନାହାନ୍ତି ।'' ମୁଁ କହିଲି-'କାହିଁ ସରକାର ପରା ପ୍ରତି ଛକରେ ସୁଲଭ ଶୌଚାଳୟ କରିଛନ୍ତି ।' ମୋ କଥା ଶୁଣି ରିକ୍ସାଚାଳକ ଚୁପ୍ ରହିଲା । ବୋଧେ ଭାବୁଥିବ କୋଡିଏ ଟଙ୍କା ଦେଇ ପାଣି ବୋତଲେ କିଣୁଥିବା ଲୋକଙ୍କ ପାଇଁ ହୁଏତ ପାଞ୍ଚ ଟଙ୍କା ଦେଇ ପରିସ୍ରା କରିବା ସ୍ୱାଭାବିକ ହୋଇଥାଇପାରେ । ହେଲେ ଆମ ପାଇଁ !! ସେ ଯାହାହେଉ ଦିନେ ଫେରିବା ବାଟରେ ଦେଖିଲି ନୂତନ ଶୌଚାଳୟକୁ ଫୁଲରେ ସଜା ଯାଉଛି । ପାଖରେ ଏକ ବିରାଟ ଚାନ୍ଦୁଆ ଟଣାଯାଇଛି । ଶୁଣୁ ଶୁଣୁ କଥା କ'ଣ କି ଆଜି ମନ୍ତ୍ରୀ ଆସିବେ ଏହି ନୂତନ ଶୌଚାଳୟ ଉଦ୍‌ଘାଟନ କରିବାକୁ । ମନ୍ତ୍ରୀଙ୍କୁ ଖଣ୍ଡେ ଦୂରରୁ ପାଛୋଟି ଆଣିବାକୁ ବ୍ୟାଣ୍ଡ ବାଜାର ଆୟୋଜନ ହୋଇଥାଏ । ଦର୍ଶକଙ୍କ ପାଇଁ ପୁଡ଼ିଆ ବ୍ୟବସ୍ଥା ହୋଇଥାଏ । ବିଳମ୍ବରେ ହେଲେ ମଧ୍ୟ ମନ୍ତ୍ରୀ ତାନ୍‌ଖାନ୍‌ରେ ଆସି ସଭା ସ୍ଥଳରେ ପହଞ୍ଚିଲେ ।



କେଉଁ ଆଦିମ କାଳରୁ ନଦୀବନ୍ଧକୁ ନିତ୍ୟକର୍ମ ସ୍ଥଳ ଭାବେ ବ୍ୟବହାର କରୁଥିବା ଉପସ୍ଥିତ ଜନତାଙ୍କୁ ଶୌଚାଳୟର ଉପକାରିତା ବିଷୟରେ ବୁଝାଇବା ସହ ଏହାକୁ ବ୍ୟବହାର କରିବାକୁ ପରାମର୍ଶ ବି ଦେଲେ । ଶେଷକୁ ଆସିଲା ସେହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ । ନୂତନ କପଡା ଦୋକାନ ଉଦ୍‌ଘାଟନ ସମୟରେ ଯେମିତି ମୁଖ୍ୟ ଅତିଥି ପ୍ରଥମେ କିଛି କପଡା କିଣି ବଉନି କରନ୍ତି ସେମିତି ସମସ୍ତଙ୍କ ଅନୁରୋଧ ହେଲା ମନ୍ତ୍ରୀ ପ୍ରଥମେ ନିଜେ ଏହାକୁ ବ୍ୟବହାର କରି ଉଦ୍‌ଘାଟନ କରନ୍ତୁ । ଆଗରୁ ଏ ସବୁ ନିଷ୍ପତ୍ତି ଠିକ୍ ହୋଇଥିଲା କି କ'ଣ ନୂଆ ଗାମୁଛା ମନ୍ତ୍ରୀଙ୍କ ପାଇଁ ପୂର୍ବରୁ କିଣା ହୋଇ ଆସିଥିଲା । ପ୍ରଥମେ ମନ୍ତ୍ରୀଙ୍କ ଦେହରକ୍ଷୀ ଶୌଚାଳୟକୁ ତନଖି କରିସାରିବା ପରେ ବାଜା ବଜେଇ ନୂତନ ବସ୍ତ୍ର ପରିହିତ ମନ୍ତ୍ରୀ ଶୌଚାଳୟରେ ପ୍ରବେଶ କଲେ । ଏପଟେ ଦର୍ଶକଙ୍କ ପାଇଁ ଆସିଥିବା ପୁଡ଼ିଆ ପାଇଁ ଠେଲାପେଲା ଆରମ୍ଭ ହୋଇଗଲା । ଯେମିତି ଖାସ୍ ସେଇଥିପାଇଁ ଦର୍ଶକମାନେ ଆସି ଧୈର୍ଯ୍ୟର ସହ ମନ୍ତ୍ରୀଙ୍କ ଭାଷଣ ଶୁଣୁଥିଲେ । ଖାଇବା ପୁଡ଼ିଆ ପାଇଲା ପରେ ଯେଝା ବାଟରେ ଯିଏ ଗଲେ । ଏପଟେ ଦଶ ମିନିଟ୍ ଯାଇ ପନ୍ଦର ମିନିଟ୍ ହେଲାଣି ମନ୍ତ୍ରୀ ଭିତରୁ ବାହାରୁନାହାନ୍ତି । ଅଧଘଣ୍ଟା ବିତିଲା ପରେ ବାହାରେ ଅପେକ୍ଷାରତ ଯନ୍ତ୍ରୀ ଓ ଦେହରକ୍ଷୀ କିଛି ଆଶଙ୍କା କରି ବାହାରୁ କବାଟ ବଡେଇ ସାର୍‌ଙ୍କୁ ଡାକିଲେ । ଭିତରୁ ସାର୍ ଚିଲେଇଲେ ସେ ଶଳା ଯନ୍ତ୍ରୀକୁ ଆଗ ଡାକ । ଶୌଚାଳୟ କରି ଉଦ୍‌ଘାଟନ କରିବାକୁ ଡାକିଛ ହେଲେ ଭିତରେ ପାଣି ବ୍ୟବସ୍ଥା କାହିଁ ? ସଙ୍ଗେ ସଙ୍ଗେ ବାଲ୍ଟିରେ ପାଣି ଆଣି ମନ୍ତ୍ରୀଙ୍କୁ ଦିଆଗଲା । କିଛି ସମୟ ପରେ ମନ୍ତ୍ରୀ ବାହାରକୁ ଆସି ଯନ୍ତ୍ରୀ ଓ କଣ୍ଟ୍ରାକ୍ଟରକୁ ଡାକି ବହେ ଶୋଧିଲେ । ଯନ୍ତ୍ରୀ ହାତ ଯୋଡ଼ି କହିଲେ, ସାର୍ କ୍ଷମା କରନ୍ତୁ । ବ୍ୟସ୍ତତା ଭିତରେ ଶୌଚାଳୟ ଭିତରେ ପାଣି ରଖିବାକୁ ଭୁଲି ଯାଇଥିଲି । ଯେତିକି ବଜେଟ ଆସିଥିଲା ତାହା ଘର ତିଆରି, ମାର୍ବଲ ଓ ଉଦ୍‌ଘାଟନ ସଭାରେ ସରିଗଲା । ପାଣି ବ୍ୟବସ୍ଥା ପାଇଁ ଆଉ ବଜେଟ ନାହିଁ । ଅତିରିକ୍ତ ବଜେଟ ପାଇଁ ଲେଖିଛୁ । ଉପରୁ ବ୍ୟବସ୍ଥା ହେଲେ ପାଣି ସଂଯୋଗ ହେବ । ମୁଁ ସେଠି ଭାବୁଥିଲି ଶୌଚାଳୟର ଭିତରୁ ନେଇ ବାହାର ପର୍ଯ୍ୟନ୍ତ ମାର୍ବଲ ବିଛେଇଲେ । ଡାକବଙ୍ଗଳାସମ କୋଠା ତିଆରି ହେଲା, ଜାଗା ଜାଗାରେ ନିୟନ ଲାଇଟ ଲାଗିଲା ହେଲେ ବିନା ପାଣି ବ୍ୟବସ୍ଥା ଯୋଗୁ ଶୌଚାଳୟ ବ୍ୟବହାର ଉପଯୋଗୀ ହେଲା ନାହିଁ । ଗୋଟିଏ ପଟେ ଦେଶର ରାଜକୋଷ ଖାଲି ଅନ୍ୟପଟେ ନୀତି ଆୟୋଗ ଯୋଜନା ପରେ ଯୋଜନା ବନେଇ ଚାଲିଛନ୍ତି । ମନ୍ତ୍ରୀମାନେ ନିତି ନିର୍ବାଚନୀ ସଭାରେ ହଜାର ହଜାର କୋଟିର ପ୍ରକଳ୍ପ କରିବେ ବୋଲି ଭାଷଣ ଦେଉଛନ୍ତି । ନା ସେ ଯୋଜନା କେବେ ଲୋକଙ୍କ ପାଖରେ ପହଞ୍ଚୁଛି ନା ସେ ପ୍ରକଳ୍ପ କେବେ ସାକାର ହେଉଛି । ଦେଶରେ ନୀତିବିହୀନ ନୀତି ଆୟୋଗର ଅବସ୍ଥା ଯାହା ବିନା ପାଣି ବ୍ୟବସ୍ଥାରେ ଶୌଚାଳୟ ନିର୍ମାଣ ତାହା । ଯାକୁ ହିଁ କୁହନ୍ତି ଅପରେଶନ ସକ୍ସେସ୍‌ଫୁଲ୍ ବଟ୍ ପେସେଣ୍ଟ ଡେଡ୍ ।

-ବନମାଳି ଭବନ, ଖାନ୍‌ନଗର, କଟକ
ମୋ:୯୪୩୭୦୧୦୭୫୮


## ପୁସ୍ତକ ସମୀକ୍ଷା

### ଜୀବନ ନଈର ସୁଅ

**ଲେଖକ- ସୁଧୀର କୁମାର ଦ୍ୱିବେଦୀ**

**ପ୍ରକାଶକ-ପ୍ରବାହ, ଯାଜପୁର, ମୂଲ୍ୟ-୧୫୫ ଟଙ୍କା**

ଜୀବନ ନଈର ସୁଅ ସୁଧୀର କୁମାର ଦ୍ୱିବେଦୀଙ୍କ ଗଳ୍ପ ସଂକଳନ। ଏଥିରେ ସମୁଦାୟ ୨୪ ଗଳ୍ପ ପ୍ରକାଶିତ ହୋଇଛି। ଶେଷ ଗପ ନାଁରେ ବହିର ନାମକରଣ କରାଯାଇଛି। ଗପରେ ବିମଳ ଓ ବନ୍ଦିତାଙ୍କ ପୁଅ ବିକୁ। ବିକୁକୁ ୩ ବର୍ଷ ହେବାରୁ ଦିନେ ସେ ତା ବାପାଙ୍କୁ କହିଲା ମୋ ଘର ଓ ପରିବାର ଲୋକେ ଲକ୍ଷ୍ମୀପୁରରେ ଅଛନ୍ତି। ମୁଁ ଜଣେ ଶିକ୍ଷକ ଥିଲି। ସଡକ ଦୁର୍ଘଟଣାରେ ମୋର ମୃତ୍ୟୁ ଘଟିଥିଲା। ଏକଥାକୁ ବିମଳ ଓ ବନ୍ଦିତା ବିଶ୍ୱାସ ନ କରି ତାକୁ ଡାକ୍ତରଙ୍କ ପାଖକୁ ନେଇ ସବୁ କଥା ଶୁଣିବା ପରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ପୁଅ କଥାକୁ ପ୍ରମାଣିତ କରିବାକୁ ସମସ୍ତେ କିଭଳି ଲକ୍ଷ୍ମୀପୁର ଯାଉଛନ୍ତି ଏବଂ ସେଠାରେ ତାଙ୍କ ପରିବାର, ସିନ୍ଦୁକ ଓ ଲୁଗାପଟା ଦେଖି ବିସ୍ମିତ ହେଉଛନ୍ତି ଦ୍ୱିବେଦୀ ସେ କଥାକୁ ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି। ସେହିଭଳି ଦୁଃଖର ସଂଜ୍ଞା ଓ ଆନନ୍ଦର ପରିଭାଷା ଓ ବୃଦ୍ଧାଶ୍ରମ ଆଦି ଗପକୁ ଉଦାହରଣ ଭାବେ ନିଆଯାଇପାରେ। ଯାହା ପାଠକଙ୍କୁ ନିଆରା ଆନନ୍ଦ ଦେବ। ଗଳ୍ପିକଙ୍କର ଗଳ୍ପ ସଂଯୋଜନା ଓ ରଚନା ଶୈଳୀ ଅନନ୍ୟ। ମନୁଷ୍ୟ ଚରିତ୍ରର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ସାମାଜିକ ଜୀବନରେ ଅବିକଳ ସତ୍ୟାସତ୍ୟକୁ ଉନ୍ମୋଚିତ କରିବାରେ ସେ ବେଶ୍ ଧୁରୀଣ। ପୁସ୍ତକଟି ପାଠକଙ୍କ ପ୍ରିୟଭାଜନ ହେବ ବୋଲି ଆଶା।





### ତୀର୍ଥଯାତ୍ରାନୁଭୂତି

**ଲେଖକ-ନନ୍ଦ କିଶୋର ଜେନା**

**ପ୍ରକାଶିକା- ଅନିମା ଜେନା**

**ଭୁବନେଶ୍ୱର, ମୂଲ୍ୟ-୧୫୦ଟଙ୍କା**




ତୀର୍ଥଯାତ୍ରାନୁଭୂତି ନନ୍ଦ କିଶୋର ଜେନାଙ୍କ ବିଭିନ୍ନ ଦେବଦେବୀ ଦର୍ଶନ ଉପରେ ଲିଖିତ ଭ୍ରମଣ କାହାଣୀ । ୧୬ଟି ସ୍ଥାନ ଭ୍ରମଣକରି ଲେଖକ ତାଙ୍କ ଅନୁଭୂତି ବର୍ଣ୍ଣନା କରିଛନ୍ତି। ପୁସ୍ତକର ଶେଷ ଭାଗରେ ଭାରତର ପ୍ରମୁଖ ଦେବଦେବୀଙ୍କ ସୁଦୃଶ୍ୟ ରଙ୍ଗିନ ଫଟୋ ଚିତ୍ର ସହ ମନ୍ଦିରର ଫଟୋ ମଧ୍ୟ ଦିଆଯାଇଛି। ଯାହା ଭ୍ରମଣ ପ୍ରିୟ ପାଠକଙ୍କୁ ଆକୃଷ୍ଟ କରିବ। ଲେଖକ ବଦ୍ରୀନାଥ କେଦାରନାଥ ଯାତ୍ରାର ଦିବ୍ୟ ଅନୁଭୂତି, ରାମେଶ୍ୱର ଯାତ୍ରା, କାଶୀ ବିଶ୍ୱନାଥ ଦର୍ଶନ, ଶ୍ରୀଶ୍ରୀ ଦ୍ୱାରିକାଧାମ ଯାତ୍ରା, ତ୍ର୍ୟମ୍ବକେଶ୍ୱର, ଅଯୋଧ୍ୟା-ଚିତ୍ରକୁଟ ଯାତ୍ରା, ଶ୍ରୀ ଶୈଳମ୍, ମଲ୍ଲିକାର୍ଜ୍ଜୁନ ଯାତ୍ରା, ଶ୍ରୀ ବୈଦ୍ୟନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ, ତ୍ରିଭେନ୍ଦ୍ରମ୍ କନ୍ୟାକୁମାରୀ ଯାତ୍ରା, ମାତା ବୈଷ୍ଣୋଦେବୀ ଓ ଶ୍ରୀଅମରନାଥ ଯାତ୍ରା, ପ୍ରୟାଗ କୁମ୍ଭମେଳା, ନେପାଳ- ପଶୁପତି ନାଥ ଦର୍ଶନ, ଶ୍ରୀ ଜଗନ୍ନାଥ ଧାମ, ପୁରୀ ଏଭଳି ଆହୁରି ଅନେକ ସ୍ଥାନ ପରିଭ୍ରମଣ କରି ନିଜର ଅନୁଭୂତି ଓ ଅନୁଭବକୁ ଚମତ୍କାର ଭାବେ ଲେଖା ମାଧ୍ୟମରେ ପ୍ରକାଶ କରିଛନ୍ତି। ତୀର୍ଥଯାତ୍ରାନୁଭୂତିରେ ସ୍ଥାନିତ ତଥ୍ୟ ଓ ଅନୁଭୂତି ପାଠକଙ୍କୁ ଅଫୁରନ୍ତ ଆନନ୍ଦ ଦେବ ବୋଲି ଆଶା । ଲେଖକ ଜେନା ତାଙ୍କ ସାଧନା ଏଭଳି ଜାରି ରଖନ୍ତୁ। ପୁସ୍ତକଟି ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ ।

### ପଣ୍ଡିତ ପ୍ରୟାଗଦତ୍ତ ଜୋଷୀ ରଚନା ସମଗ୍ର(ପ୍ରଥମ ଖଣ୍ଡ)

**ସମ୍ପାଦନା- ଲୋହିତାକ୍ଷ ଜୋଷୀ, ସାମୁଏଲ ଦାନୀ**

**ସୁଶାନ୍ତ କୁମାର ବିଶି**

**ପ୍ରକାଶକ- କାବ୍ୟଲୋକ, ଭୁବନେଶ୍ୱର, ମୂଲ୍ୟ-୫୦୦ଟଙ୍କା**

ପଣ୍ଡିତ ପ୍ରୟାଗଦତ୍ତ ଜୋଷୀ ରଚନା ସମଗ୍ର (ପ୍ରଥମ ଖଣ୍ଡ) ସମ୍ପାଦନା କରିଛନ୍ତି ଲୋହିତାକ୍ଷ ଜୋଷୀ, ସାମୁଏଲ ଦାନୀ ଓ ସୁଶାନ୍ତ କୁମାର ବିଶି। ଏଥିରେ ୨୨ ପ୍ରବନ୍ଧ ସ୍ଥାନୀତ ହୋଇଛି। ପଣ୍ଡିତ ଜୋଷୀ ତାଙ୍କ ଜୀବନର ଅନ୍ତିମ ୩ ଦଶନ୍ଧି ଓଡିଶାର ପଶ୍ଚିମାଞ୍ଚଳର କୋଶଲୀ ଭାଷାର ସ୍ୱତନ୍ତ୍ର୍ୟ ପ୍ରତିପାଦନ କରିବା ଦିଗରେ ସୈଦ୍ଧାନ୍ତିକ ଗବେଷଣା କରି ବହୁ ପ୍ରବନ୍ଧ ରଚନା କରିଯାଇଛନ୍ତି। ପୁସ୍ତକରେ ସ୍ଥାନୀତ ପ୍ରବନ୍ଧଗୁଡିକରେ ପଣ୍ଡିତ ଜୋଷୀ ଏକ ଶବ୍ଦର ଭିନ୍ନ ବନାନ ଗ୍ରହଣ କରିଛନ୍ତି। ଭାଷା ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଭୂଖଣ୍ଡର ସ୍ୱାଭାବଗତ ସତ୍ତ୍ୱାଧିକାର ବୋଲି ଧରାଯାଇଥାଏ। ସେହି ନିର୍ଦ୍ଦିଷ୍ଟ ଭୂଖଣ୍ଡର ଜଳବାୟୁ, ପରିବେଶ, ପର୍ବପର୍ବାଣୀ, ଅର୍ଥନୈତିକ ସ୍ଥିତି, ସାମାଜିକ ଓ ରାଜନୈତିକ ଅବସ୍ଥା ଓ ନୃତ୍ୟ ସବୁକିଛି ଦ୍ୱାରା ଭାଷାର ଉତ୍ପତ୍ତି, ବୃଦ୍ଧି ଓ ପରିବର୍ତ୍ତନ ହୋଇଥାଏ। ମାତ୍ର ଏହାର ଅର୍ଥ ନୁହେଁ ଯେ, ସେହି ଅଞ୍ଚଳରେ କେବଳ ଗୋଟିଏ ଭାଷାର ଉତ୍ପତ୍ତି ଏବଂ ବୃଦ୍ଧି ହୋଇଥାଏ। ଏ ଉକ୍ତାଙ୍କ ସଂକଳନଟିରେ ସ୍ଥାନିତ ନିବନ୍ଧରୁ ଜୋଷୀଙ୍କ ବ୍ୟାପ୍ତି ଓ ଗଭୀରତା ସୁସ୍ପଷ୍ଟ। ଆଶା ପୁସ୍ତକଟି ପଥକୃତ୍ ସାବ୍ୟସ୍ତ ହେବ ।



ବ୍ୟାକ୍ ପେଜ୍



# ଜିଭରେ ଉଠାଇଲେ ୧୨.୫ କି.ଗ୍ରା.

**ସ୍ୱା**ଦ ବାରିବା ପାଇଁ ଜିଭର ଆବଶ୍ୟକତା ପଡ଼େ। ତେବେ ଜାଣନ୍ତି କି ଜିଭ ଶରୀରର ସବୁଠୁ ଶକ୍ତିଶାଳୀ ମାଂସପେଶୀ ବୋଲି। ଜାଣିଥିଲେ ବି ପ୍ରକୃତରେ ଏହା କେତେ ଶକ୍ତିଶାଳୀ କେବେ ପରୀକ୍ଷା କରି ନ ଥିବେ। ମେକ୍ସିକୋ ସିଟିରେ ଆୟୋଜିତ ଏଲ ଶୋ ଅଲିମ୍ପିକୋରେ ବ୍ଲାକଥ୍ରୋନ୍ ନାମକ ଜଣେ ବ୍ୟକ୍ତି ପ୍ରକୃତରେ ଜିଭର କେତେ ଶକ୍ତି ଅଛି ତାହା ଦେଖେଇ ଦେଇଛନ୍ତି। ସେହି ଶୋ'ରେ ସେ ନିଜ ଜିଭରେ କରିଥିବା ଏକ କଣାରେ ହୁକ୍ ଲଗାଇ ସେଥିରେ ୧୨.୫ କି.ଗ୍ରା. ଓଜନର ଭାର ଉତ୍ତୋଳନ କରିଥିଲେ ; ଯାହାକୁ ଦେଖି ସମସ୍ତଙ୍କ ଦେହ ଶୀତେଇ ଯାଇଥିଲା। ଲାଗୁଥିଲା ଜିଭ ଛିଡ଼ିଯିବ। ହେଲେ ସେ ବେଶ୍ ଆରାମରେ ଏତେ ଓଜନର ଭାର ନିଜ ଜିଭରେ ଉତ୍ତୋଳନ କରିନେଇଥିଲେ। ଫଳରେ ସେ ଜିଭରେ ସବୁଠାରୁ ଅଧିକ ଓଜନ ଉଠାଇଥିବା ବ୍ୟକ୍ତିଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ।













# ଉଡାଜାହାଜ ଗାଁ

**କି**ଛି ଗାଁ ତା'ର ନିଜସ୍ୱ ସ୍ୱତନ୍ତ୍ରତା ପାଇଁ ବେଶ୍ ପରିଚିତି ହାସଲ କରିଥାଏ। ସେମିତି ଏକ ଗାଁ ହେଉଛି ପଞ୍ଜାବ, ଜଳନ୍ଧରର ଲାମ୍ବଡା ଗାଁ। ଏହି ଗାଁର ବିଶେଷତା ହେଉଛି, ଏଠାକାର ପ୍ରତ୍ୟେକ ଘରେ ଏୟାରପୋର୍ଟ ଅଛି। କେବଳ ସେତିକି ନୁହେଁ ପ୍ରତି ଘରେ ଏରୋପ୍ଲେନ୍ ବି ଅଛି। ଆଉ ଏହି ଏରୋପ୍ଲେନ୍‌ର ଦୃଶ୍ୟ ବେଶ୍ ଆକର୍ଷକ ଓ ଏହାକୁ ବହୁ ଦୂରରୁ ବି ଦେଖିହୁଏ। ତେବେ ପ୍ରକୃତ କଥା ହେଉଛି ଏହି ଗାଁର ପ୍ରତ୍ୟେକ ଘରର ଛାତ ଉପରେ ବଡ଼ ବଡ଼ ଉଡାଜାହାଜର ପ୍ରତିକୃତି ଦେଖିବାକୁ ମିଳେ। ଫଳରେ ପ୍ରତି ଘରର ଛାତ ଏୟାରପୋର୍ଟ ପରି ଲାଗେ। ଏହି ଉଡାଜାହାଜଗୁଡ଼ିକ ସତସତିକା ନ ହେଲେ ବି ଏଗୁଡ଼ିକ ଏଭଳି ତିଆରି ହୋଇଛି ଯେ, ବାସ୍ତବ ପରି ଲାଗେ। କେବଳ ସେତିକି ନୁହେଁ ଛାତ ଉପରର ଏହି ଉଡାଜାହାଜରେ ଏୟାର ଇଣ୍ଡିଆ ବି ଲେଖାଯାଇଛି। ତେଣୁ ଏହି ଗାଁ ନିଜର ବାସ୍ତବ ନାଁ ପରିବର୍ତ୍ତେ 'ଉଡାଜାହାଜର ଗାଁ' ଭାବେ ବେଶି ପରିଚିତ। ଉଡାଜାହାଜରେ ଉଡ଼ିବା ଓ ସେଥିରେ ରହିବାର ସ୍ୱପ୍ନ ଏହି ଗାଁ ଲୋକଙ୍କର ଏତେ ଯେ, ସେମାନେ ନିଜ ନିଜ ଘର ଛାତ ଉପରେ ଏଭଳି ଉଡାଜାହାଜ ତିଆରି କରିଛନ୍ତି। କେବଳ ଜଳନ୍ଧରର ଏହି ଗାଁ ନୁହେଁ ନୁରମହଲ ତହସିଲର ଉପ୍ପଲା ଗ୍ରାମରେ ବି ପ୍ରତି ଘରର ଛାତ ଉପରେ ଉଡାଜାହାଜ ପ୍ରତିକୃତି ଦେଖିବାକୁ ମିଳେ।

# ବସ୍-ଟ୍ରେନ୍

**ନି**କଟରେ ଜାପାନରେ ଏମିତି ଏକ ବସ୍ ଉନ୍ମୋଚନ ହୋଇଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି। କାରଣ ଏହି ବସ୍ ରାସ୍ତାରେ ତ ଚାଲିପାରେ ତା'ସହ ରେଳ ଟ୍ରାକ୍ ଉପରେ ଟ୍ରେନ୍ ପରି ମଧ୍ୟ ଚାଲିପାରେ। ଜାପାନର କାଇୟୋରେ ଉକ୍ତ ବସ୍-ଟ୍ରେନ୍‌ର ହାଇବ୍ରିଡ ପ୍ରଦର୍ଶିତ ହୋଇଥିଲା। ବସ୍‌ଟି ଦେଖିବାକୁ ଆକର୍ଷକ ନ ହେଲେ ହେଁ ଏହାର ବୈଶିଷ୍ଟ୍ୟ ସମସ୍ତଙ୍କ ମନ ଜିଣି ନେଇଥିଲା। ଏହା ନିଜର ରବର ଟାୟର ସହାୟତାରେ ରାସ୍ତା ଉପରେ ଚାଲିପାରିବା ସହ ଏଥିରେ ଥିବା ଟ୍ରେନ୍ ମୋଡ଼କୁ ଗଲେ ଲୁହାର ଚକ ଆପେ ବାହାରିଆସେ ଓ ରବର ଚକ ଉପରକୁ ଉଠିଯାଏ। ଫଳରେ ଏହା ରେଳ ଟ୍ରାକ୍‌ରେ ବି ଚାଲିପାରେ। ରୋଡ୍ ମୋଡ୍‌ରୁ ଟ୍ରେନ୍ ମୋଡ୍‌କୁ ଆସିବା ପାଇଁ ମାତ୍ର ୧୫ ସେକେଣ୍ଡ ସମୟ ଲାଗିଥାଏ। ଏହି ଡୁଆଲ ମୋଡ୍ ଭେଇକଲ୍ ନିଶ୍ଚିତଭାବେ ଏକ ଭଲ ପବ୍ଲିକ ଟ୍ରାନ୍ସପୋର୍ଟ। ଏହା ଡିଜେଲ ଚାଳିତ ଏବଂ ବିଭିନ୍ନ ରଙ୍ଗରେ ଉପଲବ୍ଧ ହେବ। ଏକାଥରେ ୨୧ ଜଣ ଯାତ୍ରୀଙ୍କୁ ଘଣ୍ଟା ପ୍ରତି ୬୦ କି.ମି. ବେଗରେ ଟ୍ରେନ୍ ମୋଡ୍‌ରେ ଓ ବସ୍ ମୋଡ୍‌ରେ ଘଣ୍ଟା ପ୍ରତି ୧୦୦ କି.ମି. ବେଗରେ ନେଇପାରେ। ଏହି ବସ୍ ଚାଲିଲେ କାଇୟୋରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହ ସ୍ଥାନୀୟ ଲୋକଙ୍କର ଅନେକ ଅସୁବିଧା ଦୂର ହେବ ବୋଲି କମ୍ପାନୀ ଆଶା ରଖିଛି।

